


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୩ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 03 APRIL 2023

Vol.No. 34 ■ No. 87 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବଢ଼ୁଛି ହରଡ ଡାଲି ଦର: କିଲୋ ପିଛା ୧୫୦ ଟଙ୍କା ଟପିବା ନେଇ ଆଶଙ୍କା



ନୂଆଦିଲ୍ଲୀ ୧୫୦ ଟଙ୍କା ଟପିବ ହରଡ ଡାଲି କିଲୋ । ଭାରତରେ ଉତ୍ପାଦନ ହେଉଥିବା ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଛତିଶଗଡରେ ହରଡ ଓ ବୁଟ ଫସଲ ପ୍ରଭାବିତ ହେବା ପରେ ଏଭଳି ଆଶଙ୍କା ସୃଷ୍ଟି ହୋଇଛି । ଅଦିନିଆ ବର୍ଷା ଓ ପୋକ ଲାଗିଯାଇଥିବାରୁ ଫସଲ ପ୍ରଭାବିତ ହୋଇଛି। ତେଣୁ ଭାରତୀୟ ଡାଲି ବ୍ୟବସାୟୀ ଏବେ ମିଆଁମାର, ବାଙ୍ଗାଦେଶ, ଦକ୍ଷିଣ ଆଫ୍ରିକା ଉପରେ ନିର୍ଭର କରୁଛନ୍ତି ।

ଏବେ ହରଡ ଡାଲି କିଲୋ ୧୧୧ରୁ ୧୨୦ ଟଙ୍କା ଅଛି । କିନ୍ତୁ ଏହା ୧୫୦ ଟଙ୍କା ଛୁଇଁବ ବୋଲି ବ୍ୟବସାୟୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ବିଦେଶରେ ଡାଲି ଆମଦାନୀ କରଯାଉଥିବା ବେଳେ ଏହାର ପ୍ରଭାବ ଡାଲି ମୂଲ୍ୟ ଉପରେ ମଧ ପଡିବ ବୋଲି ଆଶଙ୍କା କରାଯାଉଛି। ଓଡ଼ିଶାର ସବୁଠୁ ଅଧିକ ଆମଦାନୀ କରୁଥିବା ମାଲଗୋଦାମ ଡାଲି ବ୍ୟବସାୟୀ ସଂଘ ପୂର୍ବରୁ ହରଡ ଓ ବୁଟ ଡାଲି ଉତରପ୍ରଦେଶର କାନପୁର ଓ ଆନ୍ଧ୍ରପ୍ରଦେଶରୁ ଆମଦାନୀ କରୁଥିଲେ । କିନ୍ତୁ ଗତ ୧୫ ବର୍ଷ ହେବ ଛତିଶଗଡ, ମହାରାଷ୍ଟ୍ରର ନାଗପୁରରୁ ଡାଲି ଆମଦାନୀ କରିଛନ୍ତି ବ୍ୟବସାୟୀ । ଦୈନିକ ମାଲଗୋଦାମକୁ ୨୦୦ ଟନ୍ ହରଡ ଓ ବୁଟ ଡାଲି ଆମଦାନୀ କରଯାଉଛି ।

## ୧୦ ଲକ୍ଷ ଟଙ୍କାର ନକଲି ଔଷଧ ଜବତ





କଟକ, ୦୨/୦୪ (ନି.ପ୍ର): ୧୦ ଲକ୍ଷ ଟଙ୍କାର ନକଲି ଔଷଧ ଜବତ। ନକଲି ଔଷଧ କାରବାର ମାମଲାରେ ଡ୍ରଗସ କଣ୍ଟ୍ରୋଲ ବିଭାଗ ରାଜ୍ୟ ବାହାରେ ଛାନଭିନ୍ ବେଳେ ଏହି ନକଲି ଔଷଧକୁ ଜବତ କରିଛି। ତେବେ ଏହି ନକଲି ଔଷଧ କାରବାରରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ବିହାର ମୁଜଫରପର ଅଞ୍ଚଳର ମନିଷ କୁମାର ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଆଜି ଏନେଇ ଡ୍ରଗସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନା ଥାଉକି, କିଛି ଦିନ ତଳେ କଟକରେ ନକଲୀ ଓଟୁ ମେଡିସିନ ଜବତ ହୋଇଥିଲା। ଏହି ମାମଲାରେ ଏସଟିଏଫ ଓ ଡ୍ରଗସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ମିଳିତ ଭାବେ ଭୋପାଳ, ମଧ୍ୟପ୍ରଦେଶ ଓ ବିହାରର ମୁଜଫରପୁର ଅଞ୍ଚଳରେ ଏହି ଚଢାଉ କରିଥିଲା।

ମୁଜଫରପୁର ଡ୍ରଗସ କଣ୍ଟ୍ରୋଲ ବିଭାଗ ଓ ପୁଲିସ ସହାୟତାରେ ମନିଷ କୁମାରଙ୍କ ଘରୁ ବିପୁଳ ପରିମାଣର ନକଲି ଔଷଧ ଜବତ ହୋଇଥିଲା। ସେଠାରୁ ଫେରିବା ପରେ ଏହି ଘଟଣାର ତଦନ୍ତ କରୁଥିବା ପୁରୀଘାଟ ପୁଲିସକୁ ଆହୁରି ଅଧିକ ତଥ୍ୟ ଦେଇଛି ଡ୍ରଗସ କଣ୍ଟ୍ରୋଲ ବିଭାଗ।

### ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଗ୍ରୀ ମାମଲା

# ନେତାଙ୍କୁ ଲୋଡ଼ା ନାହିଁ ଡିଗ୍ରୀ



ନୂଆଦିଲ୍ଲୀ,୩୦/୦୩ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେତେ ପାଠ ପଢ଼ିଛନ୍ତି ? ସେ ଦାଖଲ କରିଥିବା ଡିଗ୍ରୀ ସାର୍ଟିଫିକେଟ ଅସଲି କି ନକଲି ସେ ନେଇ ପୁଣି ଥରେ ବିବାଦ ମୁଣ୍ଡ ଟେକିଛି । ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ସ୍ନାତକ ଓ ସ୍ନାତକୋତର ସାର୍ଟିଫିକେଟ ଦେବାକୁ କେନ୍ଦ୍ରୀୟ ସୂଚନା କମିଶନ ବା ସିଆଇସିଙ୍କ ନିର୍ଦ୍ଦେଶକୁ ଗୁଜରାଟ ହାଇକୋର୍ଟ ଖାରଜ କରିବା ପରେ ପୁଣି ଥରେ ଆରମ୍ଭ ହୋଇଛି ନୂଆ ବିବାଦ । ଦେଶର ପ୍ରଧାନମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ବିଷୟରେ ଦେଶବାସୀ ଜାଣିବା ଅଧିକାର ରହିଛି ବୋଲି କେଜ୍ରିୱାଲ ଦାବି କରିଛନ୍ତି । କେଜ୍ରିୱାଲଙ୍କ ଦାବି ପରେ ବିଜେପି ଓ ଆମ ଆଦମି ପାର୍ଟି ମଧ୍ୟରେ ଆରମ୍ଭ ହୋଇଯାଇଛି ବୟାନବାଜି । ..

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେତେ ପାଠ ପଢ଼ିଛନ୍ତି, ତାଙ୍କର ଶିକ୍ଷାଗତ ଯୋଗ୍ୟତା କେତେ ଏହାକୁ ନେଇ ପୁଣି ଥରେ ମୁଣ୍ଡ ଟେକିଛି ବିବାଦ । ଅରବିନ୍ଦ କେଜ୍ରିୱାଲଙ୍କୁ ଗୁଜରାଟ ହାଇକୋର୍ଟ ଭର୍ତ୍ସନା କରିବା ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଏ ଓ ଏମଏର ସାର୍ଟିଫିକେଟ ଦେଖାଇ ପ୍ରଶ୍ନ ଉଠାଇଛନ୍ତି, ଆମ ଆଦମି ପାର୍ଟି ସାଂସଦ । ବିଜେପି ପକ୍ଷରୁ ଦିଆଯାଇଥିବା ସାର୍ଟିଫିକେଟ ଲେଖାରେ ଥିବା ତ୍ରୁଟିକୁ ଦେଖାଇ, ଏହା ଅସଲି କି ନକଲି ବୋଲି ପ୍ରଶ୍ନ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ବିବାଦ ପରେ, ୨୦୧୬ରେ ତତ୍କାଳୀନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଓ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ, ମୋଦୀଙ୍କ ବିଏ ଓ ଏମଏର ସାର୍ଟିଫିକେଟ ଦେଖାଇଥିଲେ । ଆଉ ସ୍ପଷ୍ଟ କରିଥିଲେ, ମୋଦୀ ୧୯୭୮ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ବ୍ୟାଚଲର ଡିଗ୍ରି ଓ ୧୯୮୩ରେ ଗୁଜରାଟ ବିଶ୍ୱବିଦ୍ୟାଳୟରୁ ମାଷ୍ଟର ଡିଗ୍ରି ହାସଲ କରିଥିଲେ।

ମୋଦୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ବିଜେପି ପକ୍ଷରୁ ସ୍ପଷ୍ଟିକରଣ ଦିଆଯାଇଥିଲେ ବି ମାମଲା ଥମି ନଥିଲା। ଏହା ଭିତରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଆରଟିଆଇ ମାଧ୍ୟମରେ ସାର୍ଟିଫିକେଟର କପି ମାଗିଥିଲେ । କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସାର୍ଟିଫିକେଟ କପି ଦେବାକୁ ମନା କରିବା ପରେ ମୁଖ୍ୟ ସୂଚନା ଆୟୁକ୍ତଙ୍କୁ ଆବେଦନ କରିଥିଲେ କେଜ୍ରିୱାଲ । ଆଉ ତା'ପରେ ସାର୍ଟିଫିକେଟର ନକଲ ଦେବାକୁ ସିଆଇସି ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ସିଆଇସିଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଗୁଜରାଟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ । ମାମଲାର ଶୁଣାଣି କରି ହାଇକୋର୍ଟ ସିଆଇସିଙ୍କ ନିର୍ଦ୍ଦେଶକୁ ରଦ୍ଦ କରିବା ସହ କେଜ୍ରିୱାଲଙ୍କୁ ଭର୍ତ୍ସନା କରିବା ସହ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି ।

ଜଷ୍ଟିସ ବୀରେନ ବୈଷ୍ଣବ କହିଛନ୍ତି, ପିଏମଓଙ୍କୁ ମୋଦୀଙ୍କ ସାର୍ଟିଫିକେଟ ସାର୍ବଜନୀନ କରିବାର କୌଣସି ଆବଶ୍ୟକତା ନାହିଁ । ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ୱେବସାଇଟରେ ଉପଲବ୍ଧ ଅଛି । କେଜ୍ରିୱାଲ ଆରଟିଆଇ ଆଇନକୁ ଉପହାସ କରିଛନ୍ତି ଏବଂ ଏହା ପଛରେ ତାଙ୍କର ମନ୍ଦ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରତିଫଳିତ ହେଉଛି । ନିର୍ବାଚନରେ ଲଢ଼ିବା ପାଇଁ କୌଣସି ବାଧ୍ୟତାମୂଳକ ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ ନାହିଁ । ନେତାଙ୍କ ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ସେମାନଙ୍କ ଅଭିଜ୍ଞତା ଓ ବାସ୍ତବ ଜ୍ଞାନ ଗୁରୁତ୍ୱପୂର୍ଣ୍ଣ । ହାଇକୋର୍ଟଙ୍କ ଭର୍ତ୍ସନା ପରେ କେଜ୍ରିୱାଲ ପୁଣି ସମାନ ଦାବି ଦୋହରାଇଛନ୍ତି। ବିଜେପି କହିଛି, କେଜ୍ରିୱାଲ ଏମିତି କରି ନିଜର ହତାଶାଭାବ ଜାହିର କରୁଛନ୍ତି। ଏସବୁ ଭିତରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଲାଗିଛି ଦେଶର ପ୍ରଧାନମନ୍ତ୍ରୀ ପାଠ ପଢ଼ିଥିବା ଉଚିତ୍ କି ନୁହେଁ ଲେଖା ଯାଇଥିବା ପୋଷ୍ଟର । ପୋଷ୍ଟର କିଏ ମାରିଛି, କାହିଁକି ମାରିଛି ଜଣାପଡିନଥିଲେ ବି, ମୋଦୀଙ୍କ ସାର୍ଟିଫିକେଟକୁ ନେଇ ରାଜନୀତିରେ ମହାଭାରତ ସୃଷ୍ଟି ହୋଇଛି ।

## ରାହୁଲ ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ ନେଇ କଂଗ୍ରେସର ବିକ୍ଷୋଭ

### ପିସିସି ସଭାପତିଙ୍କୁ ଉଠାଇନେଲା ପୁଲିସ




ଭୁବନେଶ୍ୱର, ୦୨/୦୪ (ନି.ପ୍ର): ରାହୁଲ ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ ନେଇ ଏଜି ଛକରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ଚାଲିଥିବା ବେଳେ ଘଟଣାସ୍ଥଳରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ବିଧାୟକ ସୁର ରାଉତରାୟଙ୍କୁ ପୁଲିସ ଉଠାଇନେଇଥିବାର ଖବର ମିଳିଛି।

ରାଜଧାନୀରେ ବିଧାନସଭା ଘେରାଉ ପାଇଁ ଉଦ୍ୟମ କରିଛି କଂଗ୍ରେସ। ଘେରାଉ ବେଳେ ପୁଲିସ ସହ କଂଗ୍ରେସ କର୍ମୀମାନଙ୍କର ଧସ୍ତାଧସ୍ତି ହୋଇଛି। ଏହାପରେ ଧାରଣାସ୍ଥଳରୁ କମିସନରେଟ ପୁଲିସ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ବିଧାୟକ ସୁର ରାଉତରାୟଙ୍କୁ ଉଠାଇ ନେଇଛି। କଂଗ୍ରେସର ଏସି, ଏସଟି , ଓବିସି ଓ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ଏଜି ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାହୁଲ ଗାନ୍ଧୀଙ୍କ ସଂସଦ ପଦ ରଦ୍ଦ ନେଇ ମୋଦୀ ସରକାରଙ୍କୁ ବିରୋଧରେ ଧାରଣା ଦେଉଥିଲା କଂଗ୍ରେସ।

ସେଉଠାରେ ଧାରଣାରତ କଂଗ୍ରେସ କର୍ମୀ କହିଛନ୍ତି, ଭାରତ ବର୍ଷରେ ଗଣତନ୍ତ୍ର ସୁରକ୍ଷିତ ନୁହେଁକ୍ଷ ସମ୍ବିଧାନ ଭାଙ୍ଗିବାକୁ ନରେନ୍ଦ୍ର ମୋଦୀ ଉଦ୍ୟମ କରୁଛନ୍ତିକ୍ଷ ରାହୁଲଙ୍କ ମାଇକ ବନ୍ଦ କରି ରାହୁଲଙ୍କୁ ନୁହେଁ ବରଂ ସାଂସଦଙ୍କୁ ମ୍ୟୁଟ କରିଛନ୍ତି ମୋଦୀକ୍ଷ ଆଦାନୀଙ୍କୁ ୨୦ ହଜାର କୋଟି ଟଙ୍କାର ହିସାବ ମାଗିବାରୁ ତାଙ୍କ ସଭ୍ୟ ପଦ ରଦ୍ଦ କରିଛନ୍ତିକ୍ଷ ତାଙ୍କଠାରୁ ବାସଭବନ ମଧ୍ୟ ଛଡ଼ାଇ ନିଆଯାଇଛି। ଯେଉଁଭଳି ଭାବରେ ସୁରଟରେ ପହଞ୍ଚାଇ ୧୧ ମିନିଟ ମଧ୍ୟରେ ସଭ୍ୟ ପଦ ରଦ୍ଦ କରିଛନ୍ତି, ତାହା ପ୍ରମାଣ କରୁଛି ମୋଦୀ ରାହୁଲଙ୍କୁ ଭୟ କରୁଛନ୍ତି।

## ଅଟୋ ଭିତରୁ ମୃତ ଦେହ ଉଦ୍ଧାର

ଭୁବନେଶ୍ୱର, ୦୨/୦୪ (ନି.ପ୍ର): ରାଜଧାନୀର ଏକ ଅଟୋ ଭିତରୁ ମୃତଦେହ ଉଦ୍ଧାର ହୋଇଛି । । ରମାଦେବୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପାଖରେ ଅଟୋରୁ ଏକ ମୃତ ଦେହ ଉଦ୍ଧାର ହୋଇଥିବା ଜଣା ପଡିଛି । ପୋଲିସ ଏ ସମ୍ପର୍କରେ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ପାହାଳ ଅଂଚଳର ଜଣେ ଡ୍ରାଇଭରଙ୍କୁ ପଚରାଉଚରା କରୁଥିବା ଜଣା ପଡିଛି । ମୃତକଙ୍କ ବୟସ ୩୫ରୁ ୪୦ ବର୍ଷ ମଧ୍ୟରେ ହେବା ଅନୁମାନ କରାଯାଇଛି ।

## 'ନୋ ବଲ୍' ଘୋଷଣା କରିବାରୁ ଅମ୍ପାୟାରଙ୍କୁ ହତ୍ୟା

କଟକ, ୦୨/୦୪ (ନି.ପ୍ର): କ୍ରିକେଟ ଖେଳକୁ ନେଇ ରବିବାର ଏକ ଅଭାବନୀୟ ଖବର ଆସିଛି। କଟକ ଚୌଦ୍ୱାର ଅଞ୍ଚଳରେ ଏକ ହତ୍ୟାକାଣ୍ଡ ହୋଇଛି। ମ୍ୟାଚ୍ ଚାଲିଥିଲା ବେଳେ ବୋଲରଙ୍କ ଏକ ବଲକୁ ଅମ୍ପାୟାର 'ନୋ ବଲ' ଘୋଷଣା କରିବାରୁ ତାଙ୍କୁ ଆକ୍ରମଣ କରାଯାଇଛି। ଅମ୍ପାୟାରଙ୍କୁ ବଞ୍ଚାଇବାକୁ ଯାଇଥିବା କ୍ରିକେଟ ଆୟୋଜକ କମିଟିର ସଦସ୍ୟଙ୍କୁ ହତ୍ୟା କରାଯାଇଛି। ଛୁରା ଓ ବ୍ୟାଟ୍‌ମାଡ଼ରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚୌଦ୍ୱାର ମହିଷାନଣ୍ଡା ପଂଚାୟତର ଲକି ରାଉତ (୨୨)। ସୂଚନା ଅନୁସାରେ ଚୌଦ୍ୱାରରେ ସ୍ଥାନୀୟ ଅଞ୍ଚଳର ଦୁଇଟି ଟିମ ମଧ୍ୟରେ କ୍ରିକେଟ ମ୍ୟାଚ୍ ଚାଲିଥିଲା।

▶▶ପୃଷ୍ଠା ୭

## ନକଲି ସାର୍ଟିଫିକେଟ ମାମଲା: କ୍ରାଇମବ୍ରାଞ୍ଚର ତଦନ୍ତ ଆରମ୍ଭ




ବଲାଙ୍ଗୀର, ୦୨/୦୪ (ନି.ପ୍ର): ନକଲି ସାର୍ଟିଫିକେଟ ମାମଲାର ତଦନ୍ତ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ। ଆଜି ୫ ଜଣିଆ ଟିମ୍ ଟାଉନ ଥାନାରେ ପ୍ରଥମେ ପହଞ୍ଚି ମାମଲାର ସବୁ ଜବତ କାଗଜପତ୍ର ନିଜ ହାତକୁ ନେଇଛି। ଆଜି କେସ ଦାୟିତ୍ୱ ନିଆଯିବ ବୋଲି ଟିମରେ ଆସିଥିବା ଅଧିକାରୀ ସୂଚନା ଦେଇଛନ୍ତି।ଗତକାଲି ଟିମ ପହଞ୍ଚି ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଥିଲେ। ଆଜି ସକାଳୁ ପ୍ରଥମେ ଟାଉନ ଥାନାକୁ ସେମାନେ ଆସିଥିଲେ। ବଲାଙ୍ଗୀରରୁ ବାହାରିଥିବା ନକଲି ସାର୍ଟିଫିକେଟ କେଳେଙ୍କାରୀ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜଣାପଡ଼ିଲାଣି ।

▶▶ପୃଷ୍ଠା ୭

## ଆଜିଠୁ ମାଟ୍ରିକ୍ ଖାତା ମୂଲ୍ୟାୟନ




କଟକ , ୦୨/୦୪ (ନି.ପ୍ର): ଏପ୍ରିଲ୍ ୩ ତାରିଖ ସୋମବାରଠାରୁ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ୍ ଖାତା ମୂଲ୍ୟାୟନ ଆରମ୍ଭ ହେବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଆଜି(ରବିବାର) ଅପରାହ୍ଣ ୩ଟାରେ ମୂଲ୍ୟାୟନ କେନ୍ଦ୍ରରେ ପରୀକ୍ଷକମାନେ ଯୋଗଦେବ ଓ ମୂଲ୍ୟାୟନ କେନ୍ଦ୍ରରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ପରୀକ୍ଷକମାନଙ୍କ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହେବ। ବୋର୍ଡ ଉପସଭାପତି ଡକ୍ଟର ନିହାର ରଞ୍ଜନ ମହାନ୍ତିଙ୍କ କହିବା ଅନୁସାରେ, ମୂଲ୍ୟାୟନ ପାଇଁ ମୋଟ ୧୩ ହଜାର ପରୀକ୍ଷକଙ୍କ ତାଲିକା ପ୍ରସ୍ତୁତି କରାଯାଇଛି। ସେମାନଙ୍କ ନିଯୁକ୍ତି ବିଷୟରେ ବୋର୍ଡ ୱେବ୍‌ସାଇଟ୍‌ରେ ସୂଚନା ଜାରି କରାଯାଇଛି। ଆସନ୍ତାକାଲି ପରୀକ୍ଷକମାନେ ମୂଲ୍ୟାୟନ କେନ୍ଦ୍ରରେ ଯୋଗ ଦେବେ ଓ ସେଠାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନେତୃତ୍ୱରେ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହେବ।

▶▶ପୃଷ୍ଠା ୭

## ଆହାର ଯୋଜନାକୁ ପୁରିଲା ୮ ବର୍ଷ: ମୁଖ୍ୟମନ୍ତ୍ରୀ ଜଣାଇଲେ ଶୁଭେଚ୍ଛା

ଭୁବନେଶ୍ୱର, ୦୨/୦୪ (ନି.ପ୍ର): ରାଜ୍ୟରେ ପାଂଚ ଟଙ୍କାରେ ପେଟପୁରା ଖାଦ୍ୟ ପ୍ରଦାନର ଯୋଜନା ଆହାରକୁ ୮ ବର୍ଷ ପୂର୍ତି ହୋଇଛି । ଏହି ଅବସରରେ ଏହି ସେବା ସହ ଜଡିତ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଦିନ ହେଉ କି ରାତି ଲୋକମାନଙ୍କୁ ୫ ଟଙ୍କାରେ ପୁଷ୍ଟିକର ଓ ପେଟପୁରା ଖାଦ୍ୟ ଯୋଗାଇ 'ଆହାର' ସମସ୍ତଙ୍କ ନିକଟତର ହୋଇପାରିଛି। ଏହା ପଛରେ ମିଶନ ଶକ୍ତି ମା'ମାନେ ବଡ଼ ଭୂମିକା ନିର୍ବାହ କରୁଛନ୍ତି। 'ଆହାର' ସେବାର ୮ବର୍ଷ ପୂର୍ତ୍ତି ଅବସରରେ ଏହାକୁ ସଫଳତାର ନୂଆ ଶିଖରରେ ପହଂଚାଇଥିବା ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ସାଧୁବାଦ ଜଣାଉଛି।



# ୮୮ ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ

## ■ମନ ମୋହିଲା ଓଡ଼ିଆ ସଂସ୍କୃତି ଭରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ
## ■ରଙ୍ଗୀନ ଆଲୋକରେ ଝଲସିଲା ସମସ୍ତ ପ୍ରତିମୂର୍ତ୍ତି ଓ କାର୍ଯ୍ୟାଳୟ କୋଠା



ଭଦ୍ରକ, ୨/୦୪ (ନି.ପ୍ର): ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ପରିକ୍ରମା କାର୍ଯ୍ୟକ୍ରମରୁ ଆଜି ଆରମ୍ଭ ହୋଇଥିଲା। ଭଦ୍ରକ ଜିଲ୍ଲାସ୍ତରୀୟ ୮୮ତମ ପବିତ୍ର ଓଡ଼ିଶା ଦିବସ ପାଳନ ସମାରୋହ। ପ୍ରତିକୂଳ ପାଗ ସତ୍ତ୍ୱେ ବର୍ଷାରେ ଭିଜି ଭିଜି ପୂର୍ବ ନିର୍ଦ୍ଧାରିତ ସମୟରେ ପ୍ରତିମୂର୍ତ୍ତିମାନଙ୍କରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଦିବସ ପାଳନରେ ଭଦ୍ରକ ଜିଲ୍ଲା ପାଇଁ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ, ଭଦ୍ରକର ସଭାପତି ପ୍ରଫୁଲ୍ଲ କୁମାର ଜେନା, ଉତ୍ସବ ପାଳନ କମିଟିର ସଭାପତି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅନ୍ୟତମ ସମ୍ମାନିତ ଅତିଥି ଭଦ୍ରକ ବିଧାୟକ ସଂଜିବ କୁମାର ମଲ୍ଲିକ୍, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ପ୍ରମୁଖ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ଭଦ୍ରକ ସହ ମୁଖ୍ୟ ରାସ୍ତା ପାର୍ଶ୍ୱରେ ୯ଟି ଜାଗାରେ ଥିବା ୧୧ ଟି ପ୍ରତିମୂର୍ତ୍ତି ଓ ଗୋଟିଏ ସ୍ମୃତି ଫଳକରେ ମାଲ୍ୟାର୍ପଣ କରିଥିଲେ।

ଏହି ଉତ୍ସବ ପାଳନ ଉପଲକ୍ଷେ ସ୍ଥାନୀୟ ସହିଦ ସ୍ମୃତି ଭବନରେ ସନ୍ଧ୍ୟାରେ ସାଧାରଣସଭା, ପୁରସ୍କାର ବିତରଣ ସହ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀଯୁକ୍ତ ବୋନ୍ଦର ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଅନ୍ୟତମ ସମ୍ମାନିତ ଅତିଥି ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ୍ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ମହାପୁରୁଷ ମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଇତିହାସ ଉପରେ ଅତିଥିମାନେ ଆଲୋକପାତ କରିବା ସହିତ ଏଥିରେ ଅତୁଳନୀୟ ଅବଦାନ ରଖିଥିବା ଶ୍ରେଷ୍ଠ ବିଦ୍ଧାଣୀ ଗଣ ମଧୁବାବୁ, ଗୋପବନ୍ଧୁ, ହରେକୃଷ୍ଣ ମହତାବ, ନୀଳକଣ୍ଠ ଦାସ, କର୍ମବୀର ଗୌରୀଶଙ୍କର ରାୟ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, କୃଷ୍ଣଚନ୍ଦ୍ର ଗଜପତି ପ୍ରମୁଖଙ୍କ ଅବିସ୍ମରଣୀୟ ସାଧନା ଓ ତ୍ୟାଗର ସ୍ମୃତିଚାରଣ କରି ସେମାନଙ୍କ ଆଦର୍ଶ ଆଗାମୀ ସମୟ ପାଇଁ ପାଥେୟ ବୋଲି ପ୍ରକାଶ କରିଥିଲେ।

ଜିଲ୍ଲାର କୃତୀ ଶିକ୍ଷକ ଭାବେ ୨୦୧୭ରେ ରାଜ୍ୟସ୍ତରୀୟ ପୁରସ୍କାର ପାଇଥିବା ବର୍ତ୍ତମାନର କଟକ ବୋର୍ଡ଼ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ ଶତପଥୀ, ତ୍ରିଶଳପୁରର ପ୍ରଧାନ ଶିକ୍ଷୟିତ୍ରୀ ଝୁରନ୍‌ବାଳା ଖୁଣ୍ଟିଆଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଆର୍ଥିକ ପୁରସ୍କାର ୨୫ ହଜାର ଟଙ୍କାର ଚେକ୍ ସହ ସାଲ୍ ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ଓଡ଼ିଆ ବକ୍ତୃତା, ଓଡ଼ିଆ ଦେଶାତ୍ମବୋଧକ ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପୁରୀ ରୁ ଆସିଥିବା ଉଦ୍‌ଘୋଷକ ପିୟୁଷ୍ ପଟ୍ଟନାୟକ ମଞ୍ଚ ପରିଚାଳନା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଜିଲ୍ଲା ସଂସ୍କୃତି ବିଭାଗର ସହଯୋଗରେ ଅନୁଷ୍ଠିତ ହୋଇଥିଲା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ବାଙ୍କୀ, କଟକର ସାଂସ୍କୃତିକ ଅନୁଷ୍ଠାନ ସିଂହମ୍‌ର କଳାକାର ମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଆ ସଂସ୍କୃତି ଭରା ବାରମାସେ ତେରପର୍ବ, ଦେଶାତ୍ମବୋଧକ ନୃତ୍ୟ ବନ୍ଦେମାତରମ୍, ଲୋକନୃତ୍ୟ ସମ୍ବଲପୁରିଆ ବାବୁ, ଆଧାତ୍ମିକ ନୃତ୍ୟ ଶିବତାଣ୍ଡବ ଓ ଗଣେଶ ବନ୍ଦନା ଆଦି ଥିଲା ବେଶ୍ ମନୋମୁଗ୍ଧକର। ତା ସାଙ୍ଗକୁ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ମନମୋହନ ସଙ୍ଗୀତ ପରିଷଦର ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ଆଧାରରେ ଗଣେଶ ତାଣ୍ଡବ, ଓଁ ଭୂର୍ଭୁର୍ବସ୍ୱ, ଆହେ ନୀଳଶୈଳ ଓ ସରକାରୀ ବାଳିକା ହାଇସ୍କୁଲ, ଏସ୍.ବି.ଡ଼ି. ସ୍କୁଲ, ସାତଭଉଣୀ ସରସ୍ୱତୀ ଶିଶୁ ମନ୍ଦିର ଦ୍ୱାରା ପରିବେଶିତ ବିଭିନ୍ନ ଦେଶାତ୍ମବୋଧ ଓ ସଂସ୍କୃତି ଆଧାରିତ ନୃତ୍ୟ ଦର୍ଶକଙ୍କ ମନକୁ ଛୁଇଁଥିଲା। ଅତିରିକ୍ତ ଜିଲ୍ଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଦିବସ ଭିତ୍ତିକ ସମସ୍ତ କାର୍ଯ୍ୟକ୍ରମର ସଂଯୋଜକ ହିସାବରେ ଦାୟିତ୍ୱ ନିଭାଇ ଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ସଂପୃକ୍ତ ବିଭାଗର କର୍ମଚାରୀ ତାପସ କୁମାର ନାୟକ, ମୀନାକ୍ଷୀ ଗରାବଡୁ, ସୁରେଶ ତ୍ରିପାଠୀ, ରଙ୍ଗାଧର ଜେନା ପ୍ରମୁଖ ଆନୁସଙ୍ଗିକ ସହଯୋଗ କରିଥିଲେ।

# ଜାତୀୟ ଶିକ୍ଷାନୀତିରେ ସାମିଲ ହେବ କୁଇ ଭାଷା



କୋରାପୁଟ / ସେମିଳିଗୁଡ଼ା , ୨/୦୪ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଟିଆରେ ଓଡ଼ିଶା ଦିବସ ପାଳନ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। କୁଇ ସହ ଅନ୍ୟ ଆଦିବାସୀଙ୍କ କଥିତ ଭାଷାକୁ ଜାତୀୟ ଶିକ୍ଷାନୀତିରେ ଅଗ୍ରାଧିକାର ଭିତ୍ତିରେ ଯୋଡ଼ାଯିବ। ନୂଆ ଶିକ୍ଷାନୀତି ଅନୁଯାୟୀ, ପିଲାଙ୍କୁ କୁଇ ଭାଷାରେ ପ୍ରାକ୍ ଓ ପ୍ରାଥମିକ ଶିକ୍ଷାଦାନ କରାଯିବ। ଫାଟୁସିନେରି ପ୍ରାଥମିକ ବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ରର ପ୍ରାକ୍ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଭେଟିବା ପରେ ଏହା ହୃଦ୍‌ବୋଧ କରିଛନ୍ତି। ସେମାନେ ଓଡ଼ିଶା କହିବାକୁ ଅସମର୍ଥ। କିନ୍ତୁ କୁଇ ଭାଷାକୁ ଭଲ ରୂପେ ବୁଝୁଛନ୍ତି ଏବଂ କହିପାରୁଛନ୍ତି। ପିଲାଙ୍କ ସହ କଥାବାର୍ତ୍ତା ପରେ ଆଦିବାସୀ ଭାଷାକୁ ଶିକ୍ଷା ସହ ସାମିଲ କରିବାକୁ ନିଷ୍ପତ୍ତି ନେଇଥିବା ଶ୍ରୀ ପ୍ରଧାନ କହିଛନ୍ତି। କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ କୋଟିଆବାସୀଙ୍କୁ ଶ୍ରୀ ପ୍ରଧାନ ସମ୍ବୋଧିତ କରିଥିଲେ। କୁଇ ସହ ଅନ୍ୟ ଆଦିବାସୀ କେବଳ କୋରାପୁଟ କିମ୍ବା ଓଡ଼ିଶା ନୁହେଁ ସାରା ଦେଶରେ ସଂପ୍ରସାରିତ ହେବ। ଏଥିପାଇଁ ତୃଣମୂଳ ସ୍ତରର ଶିକ୍ଷା ବ୍ୟବସ୍ଥାରେ ଲାଗୁ କରିବାକୁ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ଓ ଶିକ୍ଷାବିତ୍‌ଙ୍କ ସହ ଆଲୋଚନା ଓ ପରାମର୍ଶକ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏଥିପାଇଁ ସେ ନିଜେ ଦାୟିତ୍ୱ ନେବେ ବୋଲି କୋଟିଆବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ରାୟଗଡ଼ା ଭଳି ପ୍ରକ୍ରିୟାକରଣ ୟୁନିଟ୍ ଓ ଫୁଡ୍‌ପାର୍କ କୋରାପୁଟରେ ସ୍ଥାପନ କରାଯିବ। ଏହି ପ୍ରକ୍ରିୟାକରଣ ୟୁନିଟ୍‌ରେ ଷ୍ଟ୍ରବେରିରୁ ଜେଲି ପ୍ରସ୍ତୁତ କରାଯିବ। କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ସର୍ବଶ୍ରେଷ୍ଠ କରିବାକୁ ଉଦ୍ୟମ ଜାରି ରହିଛି। ଏଥିପାଇଁ ବିଦ୍ୟାଳୟରେ ନୂଆ ପାଠ୍ୟକ୍ରମ ଆରମ୍ଭ କରାଯିବ। ପିଲାଙ୍କୁ ଆଦିବାସୀ ଭାଷାରେ ପଢ଼ିବା ତଥା ଗବେଷଣ କରିବାକୁ ସୁଯୋଗ ମିଳିବ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସୁନାବେଢ଼ା ସ୍ଥିତ କ୍ୟାମ୍ପସ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କୁଳପତି ଡ. ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ସେବାନିବୃତ ହେଲେ ଶ୍ରୀଧର ବାବୁ: ଭବ୍ୟ ସମ୍ବର୍ଦ୍ଧନା ଦେଲା ବନବିଭାଗ



ନୀଳଗିରି , ୨/୦୪ (ନି.ପ୍ର): ଦୀର୍ଘ ୩୭ବର୍ଷର ନିଷ୍କଳଙ୍କ ସେବା ପରେ ସେବାନିବୃତ ହୋଇଛନ୍ତି ଶ୍ରୀଧର ବାବୁ। ନୀଳଗିରି ବ୍ଲକ ସିଆଡ଼ିମାଳ ପଂଚାୟତର ସିଆଡ଼ିମାଳ ଗ୍ରାମରେ ଜନ୍ମଗ୍ରହଣ କରି ୧୯୮୭ ମସିହାରେ ବନବିଭାଗରେ ଫରେଷ୍ଟ ଗାର୍ଡ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ ଶ୍ରୀଧର ବାବୁ। ଚାକିରୀ କାଳରେ ବାଲେଶ୍ୱର ଡିଭିଜନର ଖଇରା, ନୀଳଗିରି, କୁଲଡିହା ପ୍ରଭୃତି ରେଞ୍ଜରେ କାମ କରି ବନପାଳ ଭାବରେ ପଦନ୍ନୋତି ପାଇ ନୀଳଗିରି ବନ ବିଭାଗ ଅଧିନରେ ଦୀର୍ଘଦିନ ଧରି କାର୍ଯ୍ୟ କରି ଗତ ୨୦୨୩ ମସିହା ମାର୍ଚ୍ଚ ୩୧ ତାରିଖ ଦିନ ଅବସର ନେଇଛନ୍ତି। ତାଙ୍କ କାର୍ଯ୍ୟାକାଳରେ ନିଷ୍କଳଙ୍କ ସେବା ପାଇଁ ତତ୍‌କାଳିନ ମନ୍ତ୍ରୀ ଉଷାଦେବୀଙ୍କ ଦ୍ୱାରା ମଧ ସେ ପୁରସ୍କୃତ ହୋଇଛନ୍ତି। ତାଙ୍କ ଅବସର ନୀଳଗିରି ବନବିଭାଗ କାର୍ଯ୍ୟାଳୟ ପରିସରରେ ବାଲେଶ୍ୱର ଡି.ଏଫ.ଓ. ଖୁସଓ୍ୱନ୍ତ ସିଂ, ଏ.ଏସି.ଏଫ.ଓ. ଶୋଭନ ଦିଗନ୍ତ ଚାନ୍ଦ, ରେଞ୍ଜର ଆଇସା ଅଖତାରୀ ନିସା ପ୍ରମୁଖ ଙ୍କ ଉପସ୍ଥିତି ହୋଇଥିଲା ବେଳେ ବହୁ ବନ କର୍ମଚାରୀ ଉପସ୍ଥିତ ରହି ଶ୍ରୀଧର ବାବୁଙ୍କୁ ବିଦାୟ ଦେଇଥିଲେ। ଏହି ଅବସରକାଳିନ ଉତ୍ସବରେ ତାଙ୍କର ପରିବାରର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବାଲେଶ୍ୱର ସଦର ମହକୁମାରେ ୮୮ତମ ଜିଲ୍ଲାସ୍ତରୀୟ ଓଡିଶା ଦିବସ ମହାସମାରୋହରେ ପାଳିତ



ବାଲେଶ୍ୱର, ୨/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ସଦର ମହକୁମାରେ ୮୮ତମ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାତଃ ୪ ଘଟିକା ୩୦ ମିନିଟରେ ଦେଶାତ୍ମବୋଧକ ସଙ୍ଗୀତ ଓ ବ୍ୟାସକବି ଫକୀରମୋହନଙ୍କ ଭାଷା ବନ୍ଦନା ପ୍ରଚାରରୁ ଆରମ୍ଭ ହୋଇ ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ଏହି ପବିତ୍ର ଦିନ ଶେଷ ହୋଇଥିଲା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପ୍ରେକ୍ଷାଳୟରେ ପରିବେଷଣ କରାଯାଇଥିବା ଉଚ୍ଚକୋଟୀର ପାରମ୍ପରିକ ତଥା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମରେ। କାର୍ଯ୍ୟକ୍ରମର ଅଂଶ ବିଶେଷ ଭାବେ ସକାଳ ୭ଘଟିକା ସମୟରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପବ୍ଲିକ ସ୍କୁଲ ପରିସରରୁ ଭାଷା ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ରାଲିକୁ ପତାକା ହଲାଇ ଶୁଭାରମ୍ଭ କରିଥିଲେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର। ଆଜି ଦିବସର ମୁଖ୍ୟ ଅତିଥି ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମାନନୀୟ ଶ୍ରୀ ନାରାୟଣ ପ୍ରଧାନ, ମାନନୀୟ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ, ସଦରର ମାନ୍ୟବର ବିଧାୟକ ଶ୍ରୀ ସ୍ୱରୂପ ଦାସ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସହରରେ ଅବସ୍ଥାପିତ ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ।ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଠାରେ ବ୍ୟାସକବି ଫକୀରମୋହନଙ୍କ ଉପରେ ପର୍ଯ୍ୟବେସିତ ଏକ ଚିତ୍ରକଳା ପ୍ରଦର୍ଶନୀର ଉଦ୍ଘାଟନ କରିଥିଲେ ଅତିଥିମାନେ। ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଓଡ଼ିଶାର ବରପୁତ୍ର ଓ ଓଡିଶା ଗଠନର ଇତିହାସ ଉପରେ ଲେଖକ,ସାମ୍ବାଦିକ, ସଂଗ୍ରାହକ ଶ୍ରୀ ସର୍ବେଶ୍ୱର ଦାସଙ୍କ ସହଯୋଗରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଠାରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା ଏବଂ ଚିକିତ୍ସାରତ ରୋଗୀ ମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ଏଥିରେ ପ୍ରଶାସନକୁ ସହଯୋଗର ହାତ ବଢ଼ାଇଥିଲେ ସେବା ହି ସେବା ଅନୁଷ୍ଠାନ ଏବଂ ଏହାର ସଭାପତି ଶ୍ରୀ ଅମରସିଂ ଓ୍ୱାଲିଆ। ସନ୍ଧ୍ୟା ୬ଘଟିକାରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା ସାଧାରଣ ସଭା ଯେଉଁଥିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ, ଅନ୍ୟାନ୍ୟ ଅତିଥି ଭାବେ ବାଲେଶ୍ୱର ଉପ ଜିଲ୍ଲାପାଳ ଶ୍ରୀ କୁନାଲ ଚୌହାନ ମୋତିରାମ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିଷ୍ଣୁ ଚରଣ ସୂତାର, ଜିଲ୍ଲା ପରିଷଦ ଉପାଧକ୍ଷା ଶ୍ରୀମତୀ ଅନସୂୟା ପ୍ରଧାନ ଯୋଗଦେଇଥିଲେ। ଓଡିଶା ଦିବସ ଉପଲକ୍ଷେ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦିବସ ବ୍ୟାପୀ କାର୍ଯ୍ୟକ୍ରମ ତଥା ସନ୍ଧ୍ୟାର ସଭା ଓ ପୁରସ୍କାର ବିତରଣକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ପରିଚାଳନା କରିଥିବା ବେଳେ ଶେଷରେ ଭରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଜଗନ୍ନାଥ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରକାଶ ଥାଉକି ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କାର ପ୍ରଦାନ କରାଯାଇଥିଲା ବେଳେ ଜିଲ୍ଲାର ବିଭିନ୍ନ କ୍ରୀଡ଼ାରେ ରାଜ୍ୟ ଚମ୍ପିଅନ ହୋଇଥିବା ୫ଟି ଦଳକୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ୨୦୧୭ ମସିହା ପାଇଁ ବାଲେଶ୍ୱର ଜିଲ୍ଲାର ଦୁଇ ଜଣ ଶିକ୍ଷକଙ୍କୁ ମିଳିଥିବା ରାଜ୍ଯ ସରକାର ପୁରସ୍କାର ଏହି ମଞ୍ଚରେ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ସେମାନଙ୍କୁ ମିଳିଥିଲା ଉପଢୌକନ, ପ୍ରମାଣପତ୍ର ଏବଂ ୨୫ ହଜାର ଲେଖାଏଁ ଟଙ୍କାର ଡ୍ରାଫ୍ଟ।

## ସାମାନ୍ୟ ବର୍ଷାରେ ମ୍ୟୁନିସିପାଲଟି ରାସ୍ତା ବେହାଲ : ଅଂଚଳବାସୀ ହନ୍ତସନ୍ତ

ଜଳେଶ୍ୱର , ୨/୦୪ (ନି.ପ୍ର): ଜଳେଶ୍ୱର ପୌରଞ୍ଚଳରେ ୧୦ନଂ ଓ୍ୱାର୍ଡ ଶାନ୍ତିଆ ଏକ ପ୍ରମୁଖ ଅଂଚଳ। ଏଠାରେ ବହୁ ସରକାରୀ କାର୍ଯ୍ୟାଳୟ ରହିଛି। ଏସ୍‌ଡିପିଓ, କୃଷି, ଅଗ୍ନିସମ, ବନ, ଉଦ୍ୟାନ, ବିଶୁଦ୍ଧ ପାନୀୟଜଳ, ଷ୍ଟାଡିୟମ, ୨ଟି ବିଦ୍ୟାଳୟ, ମଳଉପଚାର କେନ୍ଦ୍ର ଇତ୍ୟାଦିର କାର୍ଯ୍ୟାଳୟ ରହିଥିବାରୁ ରାସ୍ତାଟି ସବୁବେଳେ ଜନଗହଳି ଲାଗିଥାଏ। ଶାନ୍ତିଆ ଗାଁ ଦେଇ ଯାଇଥିବା ରାସ୍ତାର ପରିଡା ସାହିଠାରୁ ନନା ଛକ ପର୍ଯ୍ୟନ୍ତ ପ୍ରାୟ ୩ଶହ ମିଟର ରାସ୍ତାର ଅବସ୍ଥା ଶୋଚନୀୟ ହୋଇଛି। ଏ ସଂପର୍କରେ ନିର୍ବାଚୀତ କାଉନସିଲରଙ୍କୁ ବାରମ୍ବାର କୁହାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏ ସଂପର୍କରେ ଆଜି ପୌର ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସପ୍ତାହକମଧ୍ୟରେ ସମାଧାନ କରଯିବ ବୋଲି କହିଛନ୍ତି।

# ରେଡକ୍ରସ୍ ଆଞ୍ଚଳିକ ରକ୍ତ ଭଣ୍ଡାର ଉଦ୍‌ଘାଟିତ

ଭୁବନେଶ୍ୱର, ୨/୦୪ (ନି.ପ୍ର): ସ୍ଥାନୀୟ ରେଡକ୍ରସ୍ ଭବନଠାରେ ଶନିବାର ଦିନ 'ରେଡକ୍ରସ୍ ଆଞ୍ଚଳିକ ରକ୍ତ ଭଣ୍ଡାର' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏଥିରେ ଭାରତୀୟ ରେଡକ୍ରସର ଅବୈତନିକ ସଚିବ ବିଭୁତି ଭୂଷଣ ପଟ୍ଟନାୟକ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମେୟର ସୁଲୋଚନା ଦାସ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।
ଏହାସହ ପୂର୍ବତନ ଅବୈତନିକ ସଚିବ ମେଜର କଳ୍ପନା ଦାସ, କେନ୍ଦ୍ରୀୟ ରେଡକ୍ରସ୍ ରକ୍ତ ଭଣ୍ଡାର କଟକର ନିର୍ଦ୍ଦେଶକ ଚନ୍ଦ୍ରିକା ପ୍ରସାଦ ଦାଶ, ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଆଞ୍ଚଳିକ ରେଡକ୍ରସ୍ ଶାଖାର ଯୁଗ୍ମ ସଚିବ ଲଳିତେନ୍ଦୁ ମହାନ୍ତି, ଭାରତୀୟ ରେଡକ୍ରସର ଅବୈତନିକ କୋଷାଧକ୍ଷ ଭବାନୀ ପ୍ରସାଦ ନନ୍ଦ, ଯୁବ ରେଡକ୍ରସ୍ ଅଧିକାରୀ ରମେଶ ଚନ୍ଦ୍ର ବେହେରା, କନିଷ୍ଠ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ମେଡିକାଲ ଅଫିସର ରଘୁନାଥ ବେହୁରା, କ୍ୟାପିଟାଲ ହସ୍ପିଟାଲ ଓ କଟକ ଏସସିବି ହସ୍ପିଟାଲର ମେଡିକାଲ ଅଫିସର ଓ ରେଡକ୍ରସର ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଆଜୀବନ ସଦସ୍ୟ, କନିଷ୍ଠ ରେଡକ୍ରସର କାଉନସେଲର, ଯୁବ ରେଡକ୍ରସ୍‌ର କାଉନସେଲର ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଶିବିରରୁ ୫୫ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତିର ଦ୍ୱାଦଶ ବାର୍ଷିକ ଉତ୍ସବ




ବାଲିଆପାଳ, ୨/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଶିକ୍ଷକସମନ୍ୱୟ ସମିତିର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଶାମଣି ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମନ୍ୱୟ ସମିତିର ସଭାପତି ମନ୍ମଥ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ ।ନିଶାମଣି ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ବେହେରା କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ବାଲିଆପାଳ ବ୍ଲକ ଶିକ୍ଷାଅଧିକାରୀ ସୁଧାଂଶୁ ଶେଖର ଜେନା ଯୋଗଦେଇ ସମାଜ ପରିବର୍ତ୍ତନରେ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟର ଅଧାପକ କେଦାରନାଥ ମହାନ୍ତି ଯୋଗଦେଇ ସମସ୍ତେ ନିଜର ସ୍ମୃତିକୁ ମନେ ପକାଇ ନିଜ କାର୍ଯ୍ୟର ସମୀକ୍ଷା କରି ସମାଜର ଉନ୍ନ୍ତି ପାଇଁ ସଙ୍କଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ଓଷ୍ଟା ସଂଘର ରାଜ୍ୟ ଉପସଭାପତି ରେବତୀ ଜେନା, ଅବସରପ୍ରାପ୍ତ ବିଆରସିସି ଦୁଃଖିଶ୍ୟାମ ଦାସ , ଆବାହକ ପୂର୍ଣ୍ଣେନ୍ଦୁ ଦାସ,ଶିକ୍ଷକ ନେତା ପ୍ରଭାତ ରଂଜନ ସାହୁ, ବିଶ୍ୱମ୍ଭର ପାତ୍ର, ସୁଶାନ୍ତ କୁମାର କର, ସୁବାଶଚନ୍ଦ୍ର ଗିରି, ଲକ୍ଷ୍ମୀକାନ୍ତ ସାହୁ, ପ୍ୟାରୀମୋହନ ବିଶ୍ୱାଳ, ବ୍ୟୋମକେଶ ସାହୁ, ମନୋରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ବକ୍ତବ୍ୟପ୍ରଦାନ କରିଥିଲେ। ସମନ୍ୱୟ ସମିତିର ସଂପାଦକ ଆଦିତ୍ୟ କୁମାର ରାଉତ ବିବରଣୀ ପଠନ କରିଥିଲାବେଳେ ପ୍ରାଥମିକ ଶିକ୍ଷକ ସଂଘ ଏନପିଏସ ସାଧାରଣ ସଂପାଦକ ନିତାଇଚରଣ ରାଉଳ ମ ଆହ୍ୱାନ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ନଳିନୀକାନ୍ତ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।ସିଆରସିସି ମାଧବାନନ୍ଦ ଦାସ,ଅଶୋକ କୁମାର ଗିରି,ଜ୍ୟୋତିପ୍ରକାଶ ଜେନା ସମେତ ସମସ୍ତ ସିଆରସିସି,ନିଶାମଣି ବାଳିକା ଉଚ୍ଚବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ,ପରିଚାଳନା କମିଟିର ସଦସ୍ୟ ସଦସ୍ୟା , ସମେତ ବହୁ ଶିକ୍ଷକ ପରିଚାଳନାରେ ସହେଯାଗ କରିଥିଲେ। ଏହି ଅବସରରେ ଚଳି ଶିକ୍ଷା ବର୍ଷରେ ଅବସରଗ୍ରହଣ କରିଥିବା ୩୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଲୁକ୍କାୟିତ ପ୍ରତିଭାବାନ ବ୍ୟକ୍ତିଙ୍କୁ ଲୋକ ଲୋଚନକୁ ଆଣିବା "ୟୁଥ୍‌ଫେଷ୍ଟ" ମହୋତ୍ସବର ମୁଖ୍ୟ ଲକ୍ଷ

ନୀଳଗିରି , ୨/୦୪ (ନି.ପ୍ର): ଏକ ମହତ ଉଦ୍ଦେଶ୍ୟ ନେଇ ୨ ବର୍ଷ ଧରି ନୀଳଗିରି ୟୁଥ୍ ଫେଷ୍ଟମହୋତ୍ସବ ପାଳନ କରି ଆସୁଥିଲା ବେଳେ ୨ୟ ମାସ ସନ୍ଧ୍ୟାରେ ଅତିଥିମାନେ ଯୋଗ ଦେଇ ଲୁକ୍କାୟିତ ପ୍ରତିଭାବାନ ବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣିବାର "ୟୁଥ୍‌ଫେଷ୍ଟ" ର ମୁଖ୍ୟ ବୋଲି ବକ୍ତାମାନେ କହିଥିଲେ। ନୀଳଗିରି ଭଳି ଏକ ଆଦିବାସୀ ଅଂଚଳରେ ଯେଉଁମାନେ ସଂଘର୍ଷ କରି ସମାଜର ଶୀର୍ଷ ସ୍ଥାନରେ ପହଂଚି ପାରିଛନ୍ତି ସେମାନଙ୍କୁ ଚିହ୍ନଟ କରି ଲୋକଲୋଚନକୁ ଆଣିବାର ମାଧ୍ୟମ ହେଉଛି ଏହି ଯୁବ ମହୋତ୍ସବର ମୂଳ ଉଦ୍ଦେଶ୍ୟ ବୋଲି ମଂଚାସୀନ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ନୀଳଗିରି କେ.ସି.ହାଇସ୍କୁଲ ପଡ଼ିଆରେ ଆୟୋଜିତ ୟୁଥ୍‌ଫେଷ୍ଟର ୨ୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ , ମୁଖ୍ୟବକ୍ତା ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ବରେଣ୍ୟ ଅତିଥି ଭାବେ ପଦ୍ମଶ୍ରୀ ଇଲିଆନା ସିତାରିଷ୍ଟ ପ୍ରମୁଖ ମଂଚାସୀନ ରହି ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ୟୁଥ୍ ଫେଷ୍ଟର ଆବାହକ ଚନ୍ଦ୍ରବିନ୍ଦୁ ଦାସ, ଅତିଥି ପରିଚୟ କରିଥିବା ବେଳେ ତାପସ କୁମାର ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସବ୍ୟସାଚୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ କମିଟିର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିବାବେଳେ ୪ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

# ସାନଘାଗରା ଜଳପ୍ରପାତ

ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ କେନ୍ଦୁଝର ଜିଲା । ପ୍ରକୃତି ଯେପରି ଗୋଟିଗୋଟି କରି ଶୋଭାର ଭଣ୍ଡାର ଏଠାରେ ସଜାଇ ରଖିଛି । ଏଗୁଡ଼ିକ ମଧ୍ୟରୁ ଅନ୍ୟତମ ସାନଘାଗରା ଜଳପ୍ରପାତ । ବଣଭୋଜି ସମୟ ଆରମ୍ଭ ହେବା ମାତ୍ରେ ଅନେକଙ୍କର ପ୍ରଥମ ପ୍ରସନ୍ଦ ପାଲଟେ ସାନଘାଗରା ଜଳପ୍ରପାତ । ଓଡ଼ିଶାର ଉତ୍ତର ସୀମାରେ ପଡ଼ୋଶୀ ଝାଡ଼ଖଣ୍ଡକୁ ଲାଗି ସମୁଦ୍ର ପତ୍ତନଠାରୁ ହାରାହାରି ୪୮୦ ମିଟର ଉଚ୍ଚରେ ଅବସ୍ଥିତ କେନ୍ଦୁଝର ଜିଲା । ରାଜଧାନୀ ଭୁବନେଶ୍ୱରଠାରୁ ସଡ଼କ ପଥରେ ପ୍ରାୟ ୨୩୫ କିଲୋମିଟର ଏବଂ ଯାଜପୁର କେନ୍ଦୁଝର ରେଳଷ୍ଟେସନଠାରୁ ୧୧୫ କିଲୋମିଟର ଦୂର ହୋଇଥିବା ବେଳେ ଯାଜପୁର ରୋଡ଼ଠାରୁ ୩୦ କିଲୋମିଟର ଦୂରରେ ଏହି ଜିଲ୍ଲା ଅବସ୍ଥିତ । ୧୧୫ ନମ୍ବର ଜାତୀୟ ରାଜପଥରେ ଗଲେ ପଡ଼େ ଆନନ୍ଦପୁର ଉପଖଣ୍ଡ । ଜିଲାର ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କ ପୀଠ ଘଟଗାଁ । ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ସୁଉଚ୍ଚ ଜଳପ୍ରପାତ ଦେଖିବାଲାଗି କେନ୍ଦୁଝର ଜିଲାକୁ ପର୍ଯ୍ୟଟକଙ୍କ ସୁଅ ବର୍ଷ ତମାମ ଛୁଟିଥାଏ ।





### ଅବସ୍ଥିତି :

ଜିଲା ମୁଖ୍ୟାଳୟଠାରୁ ମାତ୍ର ୫କିମି ଦୂରରେ ଥିବା ୪୯ ନଂ ଜାତୀୟ ରାଜପଥକୁ ଲାଗି ୩୧ମି ଉଚ୍ଚତା ବିଶିଷ୍ଟ ସାନଘାଗରା ଜଳପ୍ରପାତ ବୁଲି ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟି ଥାଏ । ଘଞ୍ଚ ବଣପାହାଡ଼ ଘେରା ସାନଘାଗରାର ଶିଶୁପାର୍କ, ଗୋଲାପ ଉଦ୍ୟାନ, ବୋଟିଂ ସୁବିଧା ତଥା ଚତୁଃପାରର୍ଶ୍ୱରେ ଘେରି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପିକନିକ୍ ଋତୁରେ ପ୍ରବଳ ଗହଳି ଜମେ । ପର୍ଯ୍ୟଟକଙ୍କ ସହିତ ପ୍ରକୃତିପ୍ରେମୀ, ସାହିତ୍ୟିକ ଓ କବିମାନେ ବି ଏଠାକାର ଆକର୍ଷଣ ଏଡାଇ ପାରନ୍ତି ନାହିଁ । ପ୍ରାକୃତିକ ଶୋଭା ମଧ୍ୟରେ ପ୍ରାୟ ୧୦୦ଫୁଟ ଉଚ୍ଚରୁ ସ୍ତରସ୍ତର ହୋଇ ଆସୁଥିବା ଏଇ ପ୍ରପାତ ନିକଟରେ ଏକାଧିକ ଚଳଚ୍ଚିତ୍ରର ଫଟୋ ଉତ୍ତୋଳନ ସ୍ଥାନ ଭାବେ ପରିଚିତ । ପର୍ଯ୍ୟଟନରେ ଆସିଥିବା ଶିଶୁମାନଙ୍କର ମଧ୍ୟ ମନୋରଞ୍ଜନ ଏବଂ ସୁବିଧା ପାଇଁ ସାନ ଘାଗରାରେ ବଣଭୋଜିର ବ୍ୟବସ୍ଥା କରାଯାଇଥାଏ ।



### ଦର୍ଶନୀୟ ସ୍ଥାନ :

ଏହାର ନିକଟବର୍ତ୍ତୀ ଏକାଧିକ ପର୍ଯ୍ୟଟନସ୍ଥଳ ରହିଛି । ତେଣୁ ଇଚ୍ଛା କଲେ ବଡ଼ ଘାଗରା, ଷୋଡ଼ଶ ଶତାବ୍ଦୀର ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର ରାଜବାଟୀ, ସିଦ୍ଧମଠ, କେନ୍ଦୁଝର ରାଜାଙ୍କ ବିରାଟ ଦରବାର ହଲ



ଗୋନାସିକା, ମା ତାରିଣୀଙ୍କ ମନ୍ଦିର ସୀତାବିଞ୍ଜ ଏବଂ ଖଣ୍ଡାଧାର ଜଳପ୍ରପାତ ମଧ୍ୟ ଦେଖିବାକୁ ଯାଇପାରିବେ । ଏ ସମସ୍ତ ସ୍ଥାନ କେନ୍ଦୁଝରଠାରୁ ୩୦ରୁ ୫୦କିଲୋମିଟର ଦୂରତା ମଧ୍ୟରେ ଅବସ୍ଥିତ ।

### କେମିତି ଯିବେ :

ଉଭୟ ସଡକ ଏବଂ ରେଳପଥରେ ଏଠାକୁ ଯିବା ସହଜ । ବିଭିନ୍ନ ଅଞ୍ଚଳରୁ ଏଠାକୁ ବସସେବା ରହିଥିବା ବେଳେ ରେଳଷ୍ଟେସନରୁ ସାନଘାଗରା ମୋଟ ୮କିଲୋମିଯର ଦୂର । ଷ୍ଟେସନରୁ କେନ୍ଦୁଝର ୩କିଲୋମିଟର ଏବଂ କେନ୍ଦୁଝରରୁ ଘାଗରାର ଦୂରତ୍ୱ ୫କିଲୋମିଟର ।

### କେଉଁଠି ରହିବେ :

ପାନ୍ଥ ନିବାସ (ସାନଘାଗରାଠାରୁ୨ କିଲୋମିଟର), ପ୍ରକୃତି ନିବାସ (ବନ ନିବାସ ପକ୍ଷରୁ ଅନଲାଇନ ବୁକିଂ) । ଏହା ବ୍ୟତୀତ କେନ୍ଦୁଝରରେ ଏକାଧିକ ହୋଟେଲର ସୁବିଧା ଉପଲବ୍ଧ ।



# ରାସ୍ତାକଡରେ ଥିବା ମୋମୋସ୍ ଖାଉଛନ୍ତି କି ? ଜାଣନ୍ତୁ ଏହାର ବିପଦ

ପ୍ରତ୍ୟେକ ବ୍ୟକ୍ତି ନିଜ ପାଟିର ସ୍ୱାଦ ପାଇଁ ବଜାରରୁ ବିଭିନ୍ନ ପ୍ରକାର ଖାଦ୍ୟ ସେବନ କରିଥାନ୍ତି । କିଏ ତେଲ ଜାତିୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ତ ଆଉ କିଏ ପିଜା ବରଗର ଇତ୍ୟାଦି ଖାଇଥାନ୍ତି । ତେବେ ଏହିସବୁ ଖାଦ୍ୟ ମଧ୍ୟରେ ମୋମସ୍ ମଧ୍ୟ ସାମିଲ ଅଛି । ଯାହାର ଚାହିଦା ଆଜିର ସମୟରେ ଖୁବ୍ ବେଶି ରହିଛି । ପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ମୋମସ୍ ଖାଇଥାନ୍ତି । ଖାସ୍ କରି ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ୍ୟ ମିଳୁଛି । ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । କିନ୍ତୁ ଆପଣମାନେ ଜାଣିଛନ୍ତି କି ରାସ୍ତା କଡରେ ଥିବା ଏହି ମୋମୋସ୍ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତି କାରକ ହୋଇଥାଏ । ଏଥିସହିତ ଏଥିରେ ଦିଆଯାଉଥିବା ଲାଲ୍ ଚଟଣୀ ଶରୀର ଉପରେ କେତେ ମାତ୍ରାରେ ପ୍ରଭାବ ପକାଇଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ସମ୍ପର୍କରେ...

**ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ମୋମୋସ୍:** ମୋମୋସ୍ ସୂକ୍ଷ୍ମ ମଇଦାରୁ ନିର୍ମିତ ହୋଇଥାଏ । ଏଥିରେ ଆଜୋଡିକାର୍ବୋନାମାଇଡ୍, ବେନୋଜୋଏଲ୍ ପେରକ୍ସାଇଡ୍ ପରି ଉପାଦାନଗୁଡିକ ସାମିଲ ଥାଏ । ଏଥିସହିତ ମୋମୋସକୁ ନରମ ରଖିବା ପାଇଁ ଏଥିରେ ଆଲକ୍ସାନ୍ ନାମକ ଏକ ଉପାଦାନ ମଧ୍ୟ ମିଶ୍ରଣ କରାଯାଇଥାଏ । ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ । ବାସ୍ତବରେ, ମମୋସ୍ ତିଆରି କରିବା ପାଇଁ ମଇଦାରେ ଯୋଗ କରାଯାଉଥିବା ଏହି ଉପାଦାନଗୁଡିକ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ । ଏହି ଉପାଦାନଗୁଡ଼ିକ ଶରୀରର ଅଗ୍ନାଶୟକୁ କ୍ଷତି ପହଞ୍ଚାଇପାରେ । ଏହା ବ୍ୟତୀତ ଏହା ମଧୁମେହ ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଇଥାଏ ।

**ମୋମୋସର ଲାଲ୍ ଚଟଣି ମଧ୍ୟ କ୍ଷତିକାରକ:** ତେବେ ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ୍ୟ ମିଳୁଛି । ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । ଯାହାକି ଲାଲ୍ ଶୁଖିଲା ଲଙ୍କାରୁ ପ୍ରସ୍ତୁତ ହୋଇଥାଏ । ଏଥିସହିତ ଏହା ବହୁତ ମସଲା ଯୁକ୍ତ ମଧ୍ୟ ହୋଇଥାଏ । ତେବେ ଏହାକୁ ସେବନ କରିବା ଦ୍ୱାରା ପେଟ ଜନିତ ସମସ୍ୟା ଦେଖାଦେଇଥାଏ । ଯାହାକି ପରବର୍ତ୍ତି ମୁହୂର୍ତ୍ତରେ ଅନେକ ସମସ୍ୟା ସୃଷ୍ଟି କରେ । ତେଣୁ ଅଧିକ ମୋମୋସ୍ ଖାଇବା ଶରୀର ପାଇଁ ବହୁତ କ୍ଷତି କାରକ ହୋଇଥାଏ ।



# ବିଳାସମୟ ଘରରେ ପରିଣତ ହେଲା ସ୍କୁଲ୍ ବସ୍



ବସ୍ ଭିତରେ ବିଳାସମୟ ଘର । ପାଖାପାଖି ୨୭୦ ସ୍କୋୟାର ଫୁଟର ସ୍କୁଲ ବସ ଏକ ବିଳାସମୟ ଘରରେ ପରିଣତ ହୋଇଛି । ଆଉ ଏଥିପାଇଁ ଖର୍ଚ୍ଚ ହୋଇଛି ପାଖାପାଖି ୩୫ ହଜାର ଡଲାର ଅର୍ଥାତ ୨୫ ଲକ୍ଷ ଟଙ୍କା । ଆଉ ଏହି ଘରେ ରହୁଛନ୍ତି ଜେଫ୍, ତାଙ୍କ ପତ୍ନୀ ଏନା ବେଟରଟନ, ତାଙ୍କର ୫ଜଣ ଛୁଆ, ଦୁଇଟି କୁକର ଏବଂ ଗୋଟିଏ ବିଲେଇ । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବସ ଭିତରେ ବେଡ୍ରୁମ୍ ସମେତ, ବାଥରୁମ୍, ଟଏଲେଟ୍, ରେନ୍ ଫଲ୍ ସାଓ୍ୱାରର ମଧ୍ୟ ବ୍ୟବସ୍ଥା ରହିଛି । ତେବେ ବସ ଭିତରେ ଥିବା ଏହି ଘରର ଫଟୋ ସୋସିଆଲ ମିଡିଆରେ ଏବେ ବେଶ ଭାଇରାଲ ହେଉଛି । ବସ ଭିତରେ ଘର ଭଳି ସମସ୍ତ ସୁବିଧା ରହିଛି । କିଚେନାରୁ ଆରମ୍ଭ କରି ଏକ କିଙ୍ଗ ସାଇଜ୍ ବେଡ୍ ରୁମ୍ ମଧ୍ୟ ଏହି ବସ ଭିତରେ ରହିଛି । ଭିତରୁ ଦେଖିଲେ ଆପଣ ଅନୁମାନ ବି କରିପାରିବେ ନାହିଁ ଯେ, ଆପଣ ଏକ ବସ୍ ଭିତରେ ଅଛନ୍ତି । ତେବେ ଏହି ବିଳାସମୟ ଘରର ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

# ପ୍ରଦୂଷିତ ପାଣିରୁ ଜାତ ଆଳୁ, ଗାଜର, ଟମାଟୋ ଖାଆନ୍ତୁନି: ନାଳ ପାଣି ବଢ଼ାଇବ କ୍ୟାନସର, ଚର୍ମ ଓ ପେଟରୋଗ- କୃଷି ବିଶେଷଜ୍ଞ



ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିବା ବେଳେ କୃଷକଙ୍କ ବିକାଶ ସହିତ ରୋଜଗାର ବୃଦ୍ଧି ପାଇଁ କେନ୍ଦ୍ର ସରକାର ନୂଆ ନୂଆ ପଦକ୍ଷେପ ଗ୍ରହଣ କରୁଛନ୍ତି । ତେବେ ଅନେକ କ୍ଷେତ୍ରରେ କୃଷକମାନେ ନାଳର ମଇଳା ପାଣିକୁ ନେଇ ନିଜ ଫସଲରେ ମଡ଼ାଇଥାନ୍ତି । ଏହାଦ୍ୱାରା ଫସଲରେ କୌଣସି ପ୍ରଭାବ ପଡ଼ିନଥାଏ ବୋଲି ସମସ୍ତଙ୍କର ଧାରଣା ଥାଏ । ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ୍ । କୃଷି ବିଶେଷଜ୍ଞ ଏ ବାବଦରେ ଭିନ୍ନ ମତ ଦେଇଛନ୍ତି । ଏ ବାବଦରେ ବିହାରର ଡାକ୍ତର ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡା. ଆର.ସି ଶ୍ରୀବାସ୍ତବ କିଛି ପରାମର୍ଶ ଦେଇଛନ୍ତି । ସ୍ୱଚ୍ଛ ଓ ପରିଷ୍କାର ପାଣିର ଅଭାବ କାରଣରୁ ଅନେକ ସମୟରେ କୃଷକମାନେ ନାଳରେ ଯାଉଥିବା ଖରାପ ପାଣି ଶସ୍ୟରେ ମଡ଼ାଇଥାନ୍ତି । ଏପରି ସ୍ଥଳେ ପ୍ରଦୂଷିତ ପାଣିର ପ୍ରଭାବ ଫସଲ ଉପରେ ପଡ଼ିବା ସହିତ ତାହାକୁ ସେବନ କରିବା ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ମଧ୍ୟ ପ୍ରଭାବିତ ହୋଇଥାଏ । ଏହି ମଇଳା ପାଣି ପ୍ରଥମେ ନାଳରୁ ଫସଲକୁ ଓ ତା'ପରେ ଫସଲରୁ ମଣିଷର ପେଟକୁ ଯାଇଥାଏ । ତେବେ ଏହି ମଇଳା ପାଣିରୁ ଜାତ ଫସଲକୁ ସେବନ କରିବା ଫଳରେ କ୍ୟାନସର ସହିତ ଅନେକ ଚର୍ମ ରୋଗ ହେବାର ସମ୍ଭାବନା ରହିଥାଏ । ତେଣୁ ଏହି ଫସଲକୁ ଆପଣମାନେ ଖାଇବା ଅନୁଚିତ । ଏଥିସହିତ ଏହି ପାଣିର ବ୍ୟବହାର ଶସ୍ୟକ୍ଷେତ୍ରରେ ନ କରିବା ପାଇଁ କୃଷକଙ୍କୁ ପରାମର୍ଶ ଦେବା ଜରୁରୀ । ଖାସ୍ କରି ସହର ନିକଟସ୍ଥ କୃଷକମାନେ ଫସଲରେ ପ୍ରଦୂଷିତ ପାଣିରେ ସିଞ୍ଚନ କରିଥାନ୍ତି । ଏହି ପ୍ରଦୂଷିତ ପାଣିର ପ୍ରଭାବରେ ଆଳୁ, ଟମାଟୋ, ଗାଜର ପରି ସବଜି ଉପରେ ପଡ଼ିଥାଏ । ପରିଣାମ ସ୍ୱରୂପ ତାହାକୁ ଖାଉଥିବା ଲୋକଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଥାଏ ବୋଲି ଡା. ଶ୍ରୀବାସ୍ତବ କହିଛନ୍ତି ।

# ଶରୀରକୁ ଦିଅନ୍ତୁ ପୋଷଣ

**ଆୟୁର୍ବେଦ ଅନୁସାରେ, ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାକୁ ଚାହୁଁଥିଲେ ପ୍ରଥମେ ଉତ୍ତମ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ । ଏହା ସହ ଭୋଜନର ନିର୍ଦ୍ଦିଷ୍ଟ ସମୟ ରଖିବା ମଧ୍ୟ ଜରୁରୀ ।**

♦ ମୁମ୍ବାଇର ଖାଦ୍ୟ ବିଶେଷଜ୍ଞ ପ୍ରତିମା ଜେସ୍ୱାଲ୍ଙ୍କ ମତରେ ସୂର୍ଯ୍ୟୋଦୟର ପରେ ଆମ ଶରୀରକୁ ମଧ୍ୟ ଶକ୍ତି ମିଳେ । ଏଇ ସମୟରେ ଆମେ ବିଭିନ୍ନ ପ୍ରକାର ଭୋଜନ କଲେ ମଧ୍ୟ ତାହା ହଜମ ଶୀଘ୍ର ହେଇଥାଏ । ସୂର୍ଯ୍ୟାସ୍ତ ପରେ ପରେ ଶରୀରର ପାଚନ ତନ୍ତ୍ରର ଶକ୍ତି ମଧ୍ୟ ହ୍ରାସ ପାଉଥିବାର ବିଶେଷଜ୍ଞଙ୍କ ମତ ।

♦ ସକାଳୁ ଉଠିବାର ମଧ ଘଣ୍ଟା ମଧ୍ୟରେ ଜଳଖିଆ ଖାଇନେବା ଉଚିତ । ଅଧିକ ସମସ୍ୟା ଭୋକିଲା ରହିଲେ ଅମ୍ଳ ସମସ୍ୟା ହୋଇଥାଏ । ଶଯ୍ୟା ତ୍ୟାଗର ୫.୭ ମିନିଟ୍ ପରେ ୧ ଗିଲାସ ନଖ ଉଷୁମ ପାଣି ପିଅନ୍ତୁ ।

♦ ଦ୍ୱିପହର ଭୋଜନ ଦିନ ୧୨ଟାରୁ ୨ଟା ମଧ୍ୟରେ କରିନେବା ଆବଶ୍ୟକ । ଜଳଖିଆ ଓ ଦ୍ୱିପହର ଭୋଜନ ମଧ୍ୟରେ ୪ ଘଣ୍ଟାରୁ ଅଧିକ ବ୍ୟବଧାନ ରଖିବା ଭଲ ନୁହେଁ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା, ଶରୀରକୁ ଭୋକିଲା ରଖି କଷ୍ଟ ଦିଅନ୍ତୁ ନାହିଁ । ସମୟକ୍ରମେ ଏହା ଆପଣଙ୍କ ଶରୀରକୁ ଦୁର୍ବଳ କରିଥାଏ ।

♦ ରାତ୍ରିଭୋଜନ ମଧ୍ୟ ସେଇ ଅନୁରୂପ ଶୀଘ୍ର ହେବା ଉଚିତ । ଯେତେ ଶୀଘ୍ର ଖାଇବେ, ତାହା ଆପଣଙ୍କ ପାଇଁ ସେତେ ଭଲ । ଶୋଇବାର ୩ ଘଣ୍ଟା ପୂର୍ବରୁ ହିଁ ରାତ୍ରିଭୋଜନ କରିନେଲେ ସେସବୁ ଖାଦ୍ୟ ହଜମ ହେବା ପାଇଁ ସମୟ ପାଇଥାଏ ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୩ ଏପ୍ରିଲ ୨୦୨୩, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମୟର କଡ଼ ଲେଉଟା...

ଅତୀତ କଡ଼ ଲେଉଟାଏ- କହିଥିଲେ କେହି ଜଣେ ମହାପୁରୁଷ ଅନେକ ବର୍ଷ ପୂର୍ବେ । ଏକଥାର ବାସ୍ତବତା ରହିଛି ଅବଶ୍ୟ। ୭୫ ବର୍ଷ ତଳର ଅତୀତକୁ ଅବଲୋକନ କଲେ ଜଣାପଡ଼େ ଏହା କେମିତି ଠିକ୍। ୧୯୪୭ ଅଗଷ୍ଟ ୧୪ ପୂର୍ବରୁ ଭାରତ ଓ ପାକିସ୍ତାନ ଥୁଲା ଗୋଟିଏ ରାଷ୍ଟ୍ର ; ଏହାକୁ ଶାସନ କରୁଥିଲେ ଇଂରେଜମାନେ, ଯେଉଁମାନେ ଆସିଥିଲେ ସୁଦୂର ବ୍ରିଟେନ୍‌ରୁ ଏଠାକୁ ବାଣିଜ୍ୟ କରିବାକୁ, କିନ୍ତୁ ପାଲଟି ଯାଇଥିଲେ ଅବିଭକ୍ତ ଭାରତବାସୀଙ୍କ ଭାଗ୍ୟ ବିଧାତା । ଆଉ ଏଠୁ ଗଲାବେଳେ ଗୋଟିଏ ଘରକୁ ହିନ୍ଦୁ ଓ ମୁସଲମାନ ଧର୍ମ ଆଧାରରେ ଭାଗିଦେଇ କରି ଦେଇଗଲେ ଦୁଇଟି ଘର- ଭାରତ ଓ ପାକିସ୍ତାନ। ପଞ୍ଚସ୍ତରୀ ବର୍ଷ ପରେ ଆଜି ସେଇ ଶାସକମାନଙ୍କ ଦୁଇଟି ଘରର ଶାସନକର୍ତ୍ତା ହେଉଛନ୍ତି ଜଣେ ହିନ୍ଦୁ ; ଜଣେ ମୁସଲମାନ । ସେମାନଙ୍କ ହାତରେ ବର୍ତ୍ତମାନ ରହିଛି ଯେଉଁ ଦେଶ ସେମାନଙ୍କ ପୂର୍ବଜମାନଙ୍କ ଦେଶକୁ ଶାସନ କରିଥିଲା, ସେହି ଦେଶର ବିଭାଜନ ସମେତ ଯୁକ୍ତରାଜ୍ୟ ବା ୟୁନାଇଟେଡ୍ କିଂଗଡମ୍ (ୟୁକେ)ର ଭାଗ୍ୟର ଡୋର ; ଭବିଷ୍ୟତ ନିର୍ଦ୍ଧାରଣ । ୭୫ ବର୍ଷ ତଳେ କେହି ଯଦି ଏକଥା କହିଥାନ୍ତେ, ତା'ହେଲେ ଏହା ଏକ ବିଶୁଦ୍ଧ ଦିବାସ୍ୱପ୍ନ ଏବଂ ହାସ୍ୟାସ୍ପଦ କଥା କହି ଲୋକେ ଟାହିଲି କରିଥାନ୍ତେ; ତାଙ୍କ କଥାକୁ ତାଚ୍ଛଲ୍ୟପୂର୍ଣ୍ଣ ହସରେ ବାଏଁ ବାଏଁ ଉଡ଼ାଇ ଦେଇଥାନ୍ତେ । ୩୭ ବର୍ଷୀୟ ୟୁସଫ୍ ହେଉଛନ୍ତି ଏହି ପଦ ପାଇଁ ନିର୍ବାଚିତ ହୋଇଥିବା ପ୍ରଥମ ମୁସଲମାନ । ବିଶ୍ୱବିଦ୍ୟାଳୟରେ ରାଜନୀତି ଉପରେ ଅଧ୍ୟୟନ କରିଥିବା ୟୁସଫ୍ ସ୍କଲ୍ୟାଣ୍ଡ୍ ସଂସଦର ୧୨ ବର୍ଷ ହେବ ସଦସ୍ୟ ରହି ଆସିବା ସଙ୍ଗେ ସଙ୍ଗେ ସ୍କଟିଶ୍ ନ୍ୟାସନାଲ ପାର୍ଟି (ଏସ୍‌ଏନ୍‌ପି)ର ଜଣେ ଅନ୍ତରୀଣ ବ୍ୟକ୍ତି ଭାବରେ ପରିବହନ ମନ୍ତ୍ରୀ, ନ୍ୟାୟ ସଚିବ ଏବଂ ସ୍ୱାସ୍ଥ୍ୟ ସଚିବ ଭାବରେ ସଫଳତାର ସହିତ କାର୍ଯ୍ୟ ନିର୍ବାହ କରିଛନ୍ତି । ଶ୍ରୀଯୁକ୍ତ ୟୁସଫ୍ ତାଙ୍କର ପୂର୍ବସୁରୀ ନିକୋଲା ଷ୍ଟର୍ଜିଅନ୍‌ଙ୍କ ପଦାଙ୍କ ଅନୁସରଣ କରିବାକୁ ଆରମ୍ଭ କରିଛନ୍ତି, ଯିଏକି ପାଖାପାଖି ଏକ ଦଶନ୍ଧି ଧରି ସ୍କଲ୍ୟାଣ୍ଡ୍ ରାଜନୀତିର ଧାରାକୁ ନିର୍ଦ୍ଧାରଣ କରି ଆସିଥିଲେ, ବିଶେଷକରି ୟୁକେ ପରିପ୍ରେକ୍ଷୀରେ ସ୍କଲ୍ୟାଣ୍ଡ୍‌ର ଭୂମିକାକୁ ଏବଂ ବ୍ରେକ୍ସିଟ୍‌ର ଜଟିଳ ପ୍ରଶ୍ନ ଉପରେ। ସ୍କଲ୍ୟାଣ୍ଡବାସୀ ବର୍ତ୍ତମାନ କେତେଦୂର ସେ ଏହା ପୂରଣ କରି ପାରୁଛନ୍ତି, ତାକୁ ଦେଖିବା ପାଇଁ ଅବଶ୍ୟ ଅପେକ୍ଷା କରିବେ । ଋଷି ସୁନକ୍ ଏବଂ ହମ୍ ୟୁସଫ୍‌ଙ୍କ ବିଜୟର ଏଇ ମୁହୂର୍ତ୍ତ ବ୍ରିଟିଶ୍ ରାଜନୀତିର ଉଚ୍ଚ ସ୍ତରରେ କ୍ରମବର୍ଦ୍ଧିଷ୍ଣୁ ବିବିଧତାର ପ୍ରତିଫଳନକୁ ଦର୍ଶାଉଛି । ଶ୍ରୀଯୁକ୍ତ ସୁନକ୍ ତାଙ୍କ କ୍ୟାବିନେଟ୍‌ରେ ଏକମାତ୍ର ମୂଳ ବିଦେଶୀ ବଂଶୋଦ୍ଭବ ନୁହନ୍ତି : ତାଙ୍କ ବିଦେଶ ସଚିବ ଜେମସ୍ କ୍ଲେଭରଲିଙ୍କର ରହିଛି ସିଏରା ଲିଓନୀୟ ବଂଶ ପରିଚୟ, ଏବଂ ତାଙ୍କ ଗୃହ ସଚିବ ସୁଏଲ୍ଲା ବ୍ରେଭରମ୍ୟାନ୍ ହେଉଛନ୍ତି କେନିୟା ଏବଂ ମରିସସ୍ ଦେଇ ଇଂଲଣ୍ଡର ବାସିନ୍ଦା ପାଲଟିଥିବା ମୂଳ ଭାରତୀୟ । ବିରୋଧୀ ଶ୍ରମିକ ଦଳରେ ମଧ୍ୟ ରହିଛନ୍ତି ଲିସା ନନ୍ଦୀଙ୍କ ସମେତ ଅଣ-ଶ୍ୱେତାଙ୍ଗ ନେତା/ନେତ୍ରୀମାନେ। ଲିସାଙ୍କୁ ଦଳର ଶୀର୍ଷ ସ୍ଥାନ ନିମନ୍ତେ ଭବିଷ୍ୟତର ସମ୍ଭାବ୍ୟ ଦାବିଦାର ଭାବରେ ବିବେଚନା କରାଯାଉଛି । ବିରୋଧାଭାସର କଥା ହେଉଛି, ଏସବୁ ଘଟୁଛି ଠିକ୍ ସେତିକି ବେଳେ, ଯେତେବେଳେ କି ଭାରତ ଜାତୀୟ ରାଜନୀତିରେ ବିବିଧତାଭରା ପ୍ରତିନିଧିତ୍ୱରୁ ଦୂରକୁ ଦୂରକୁ ଚାଲି ଯାଉଛି । ଶାସକ ଭାରତୀୟ ଜନତା ପାର୍ଟି (ବିଜେପି) ନିକଟରେ ସଂସଦରେ କୌଣସି ମୁସଲମାନ ସଦସ୍ୟ ନାହାନ୍ତି। ୨୦୧୪ଠାରୁ- ଯେବେଠୁ ପ୍ରଥମ ଥର ପାଇଁ କେନ୍ଦ୍ରରେ ଶାସନ କ୍ଷମତାକୁ ବହୁମତ ଲାଭ କରି ଆସିଲା- ସେବେଠାରୁ ମାତ୍ର ୫ ପ୍ରତିଶତରୁ କମ୍ ମୁସଲମାନ ଏମ୍ପି ରହିଛନ୍ତି । ବିବିଧତାଭରା ପୃଷ୍ଠଭୂମିରୁ ଆସିଥିବା ଲୋକମାନଙ୍କର ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହେବା ପ୍ରକୃତରେ ମଧ୍ୟ ସେମାନଙ୍କର ବାସ୍ତବ ସଶକ୍ତିକରଣର କ୍ୱଚିତ୍ ବିକଳ୍ପ ହୋଇ ପାରିବ। ଶ୍ରୀଯୁକ୍ତ ସୁନକଙ୍କ ସରକାର, ବସ୍ତୁତଃ, ସମାନ ଧରଣର ସ୍ଥାନାନ୍ତରଣ-ବିରୋଧୀ ଭାଷାଗୁଡ଼ିକ ଶ୍ରବଣ କରି ତାକୁ ହେୟଜ୍ଞାନରେ ଅଧିକାଂଶ ସମୟରେ ଅତିକ୍ରମ କରୁଥିବେ, ଯାହାକୁ ହୁଏତ ତାଙ୍କର ପୂର୍ବସୂରୀମାନେ ଏକଦା ସାମ୍ନା କରିଥିଲେ । ଭାରତ ଅତୀତରେ ଜଣେ ମହିଳା, ଦୁଇଜଣ ମୁସଲମାନ ଏବଂ ଜଣେ ଦଳିତ ରାଷ୍ଟ୍ରପତିଙ୍କୁ ପ୍ରତ୍ୟକ୍ଷ କରିଛି । ବର୍ତ୍ତମାନ ଏହାର ସେନାଧ୍ୟକ୍ଷ ଏକ ଜନଜାତି ବର୍ଗରୁ ଆସିଛନ୍ତି । ତେବେ ଏସବୁ ଯେ ସେହିସବୁ ସମାଜର ଅନ୍ୟଥା ଅସୁରକ୍ଷିତ ବର୍ଗଙ୍କୁ ଅର୍ଥପୂର୍ଣ୍ଣ ଭାବରେ ସଶକ୍ତ କରାଇ ପାରିଛି, କଦାଚିତ୍ କିଛି ପ୍ରମାଣ ରହିଛି । ତଥାପି, ଏକ ଦେଶ ନିହାତି କମ୍‌ରେ ଏହାର ଲୋକମାନଙ୍କ ନିକଟରେ ଏବଂ ବାହ୍ୟ ଜଗତ ସାମ୍ନାରେ କ'ଣ ପ୍ରଦର୍ଶିତ କରିବାକୁ ଚାହେଁ, ପ୍ରତିନିଧି ତା'ର ଏକ ସାଙ୍କେତିକ ରୂପ ପ୍ରକାଶ କରିଥାଏ । ଭାରତ କ୍ଷେତ୍ରରେ ଏହି ବାର୍ତ୍ତା ବିବିଧତାକୁ ଅନ୍ତର୍ଭୁକ୍ତ କରେନାହିଁ ।

# ଛବିଳ ମଧୁ ବର୍ଣ୍ଣବୋଧ

**ଶ୍ରୀବତ୍ସ ନାୟକ**



**ଅକ୍ଷର, ଯୁକ୍ତାକ୍ଷର, ପଦ ଶିକ୍ଷା ପରେ ପରେ ଲିଖନର ଦକ୍ଷତା ବୃଦ୍ଧି ନିମନ୍ତେ ବର୍ଣ୍ଣ ବୋଧ ବହିରୁ ଦେଖି ନିଜର ହସ୍ତାକ୍ଷର ଲେଖିବା ସହ ଛାତ୍ରଛାତ୍ରୀମାନେ ଅନେକ ଶବ୍ଦ ସହ ଯୋଡ଼ି ହୋଇ ରହୁଥିଲେ। ଦାଣ୍ଡ ଦୁଆରେ କିମ୍ବା ଭାଗବତ ଘରେ ବସି କୋମଳମତି ଛାତ୍ରଛାତ୍ରୀମାନେ ବର୍ଣ୍ଣବୋଧ ବହିରୁ ଓଡ଼ିଆ ଭାଷା ଶିଖିବା ସହ କବିତା ଗୁଡ଼ିକ ମୁଖସ୍ଥ କରୁଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ପିଲାମାନେ କେତେ ଏହି ବହିକୁ ପଢ଼ିଛନ୍ତି ତାହା ତାଙ୍କ ଉଚ୍ଚଶିକ୍ଷାରୁ ହିଁ ଜଣା ପଡୁଛି।**

ଅଧ୍ୟାପନା ବୃତ୍ତିରେ ଦୀର୍ଘ ଏକ ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ ମୁଁ ନିଜକୁ ନିୟୋଜିତ କରିଛି । ଶିକ୍ଷାଦାନ କରିବା ମୋର କର୍ତ୍ତବ୍ୟ ହେଲେ ମଧ୍ୟ ମଧ୍ୟ ପଢ଼ିବା ଓ ପ୍ରତ୍ୟେକ ଦିନ କିଛି କିଛି ନୂତନ ଜ୍ଞାନ ଅହୋରଣ କରିବା ମୋର ନିଶା । ଏହି ପବିତ୍ର ବୃତ୍ତିରେ ନିଜକୁ ସାମିଲ କଲା ଦିନଠାରୁ ଅନେକ କିଛି ପୁସ୍ତକ ପଢ଼ିବାର ସୁଯୋଗ ପାଇଛି। ପୌରାଣିକ ଉପାଖ୍ୟାନ, କବିତା, ଉପନ୍ୟାସ ଗଳ୍ପ ଓ ଗବେଷଣାତ୍ମକ ସନ୍ଦର୍ଭ ଗୁଡ଼ିକୁ ଅନେକଥର ପଠନ କରିଛି । ଭିନ୍ନ ଭିନ୍ନ ଭାଷାରେ ପ୍ରକାଶିତ ଭିନ୍ନ ଭିନ୍ନ ପୁସ୍ତକ ପଠନର ଅନୁଭୂତି ମଧ୍ୟ ଭିନ୍ନ କିନ୍ତୁ ଏତେ ସବୁ ମଧ୍ୟରେ ଜଣେ ଓଡ଼ିଆ ହିସାବରେ ଓଡ଼ିଆ ଭାଷା ସାହିତ୍ୟର ପୁସ୍ତକ ପଠନ କଲାବେଳେ ମନ ମଧ୍ୟକୁ ଚାଲିଆସେ ଶୈଶବ ଅବସ୍ଥାରେ ପାଠ କରିଥିବା ସେହି ପୁସ୍ତକ ଟିଏ । ନାଲି ମଲାଟ ଉପରେ ଧଳା ରଙ୍ଗର ବିଲେଇ ଚିତ୍ରଥିବା ସେହି କ୍ଷୁଦ୍ର ପୁସ୍ତକ । ଆପଣ ଯଦି ଜଣେ ଓଡ଼ିଆ ହୋଇଥିବେ ତେବେ ଆପଣଙ୍କୁ ଏହି ପୁସ୍ତକ ବିଷୟରେ ବିଶେଷ ପରିଚୟ ଦେବାକୁ ପଡ଼ିବନି । ଅଖ, ଆଈ, ଈଶ, ଏକ, ଚକ, ଓଟ, ଝୁଲ ରେ ହାତୀ ଝୁଲ,ବା ପାଣି ଖାଇ ଫୁଲ, ଟୁକ୍ ମୂଷି ଟୁକେଇ ମୂଷି, ତୁ ଥା ମୁଁ ଯାଉଛି ଋଷି। ଉପରଲିଖିତ ଶବ୍ଦ ଗୁଡିକ ପ୍ରତ୍ୟେକ ଓଡ଼ିଆଙ୍କ ସହ ଅତି ପରିଚିତ । ଯଦି ଆପଣ ଓଡ଼ିଆ ପଢି ପାରୁଥିବେ, ଲେଖି ପାରୁଥିବେ କିମ୍ବା କହି ପାରୁଥିବେ ତେବେ ଆପଣମାନଙ୍କ ଜ୍ଞାତସାରକୁ ଏହି ପଦ ଗୁଡ଼ିକ ନିଶ୍ଚିତ ସ୍ପର୍ଶ କରିବ ଏଥିରେ ଦ୍ୱିମତ ନାହିଁ । ଅଫିସର ହୁଅନ୍ତୁ କିମ୍ବା ବାରିଷ୍ଟର, ରାଜନେତା ହୁଅନ୍ତୁ କିମ୍ବା ଦେଶ ସେବକ, ସମାଜର ଯେକୌଣସି ପଦପଦବୀରେ ଅବସ୍ଥିତ ହୋଇଥିବା ଓଡ଼ିଆଙ୍କ ପାଇଁ ଏହି ଶିଶୁ ପୁସ୍ତକ 'ଛବିଳ ମଧୁ ବର୍ଣ୍ଣବୋଧ'ଟି ସଫଳତାର ପ୍ରଥମ ସିଡିସଦୃଶ। ଓଡ଼ିଆ ଭାଷା ଅଧ୍ୟୟନ କରିବା ପାଇଁ ପ୍ରତ୍ୟେକ ଓଡ଼ିଆ ଏହି ପୁସ୍ତକ ପଠନର ସୁଯୋଗ ନିଶ୍ଚିତ ପାଇଥିବେ ।

ଜଣେ ଆଦର୍ଶ ଶିକ୍ଷକ, କବି, ସମାଜ ସଂସ୍କାରକ, ତଥା ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ମଧୁସୂଦନ ରାଓ, ଶୁଦ୍ଧ ଓଡ଼ିଆ ବନାନ ଶିକ୍ଷାର ପ୍ରାଣବିନ୍ଦୁ ସ୍ୱରୂପ ଓଡ଼ିଆ ଭାଷାର ପ୍ରଥମ ବର୍ଣ୍ଣବୋଧକୁ ପ୍ରଣୟନ କରି ନିଜର ଜାତିପ୍ରୀତିର ପରିଚୟ ଦେଇଛନ୍ତି । ଓଡ଼ିଆ ବର୍ଣ୍ଣମାଳା, ଅକ୍ଷର ଶିକ୍ଷା, ମାତ୍ରା, ଫଳା, ଯୁକ୍ତାକ୍ଷର, ପଣିକିଆ, ଗୁଡ଼ିକୁ ଅତି ସରଳ ଭାବେ ବର୍ଣ୍ଣନା କରାଯାଇଛି ଏହି ପୁସ୍ତକ ରେ। ଏହି ଶିଶୁ ପୁସ୍ତକ 'ଛବିଳ ମଧୁ ବର୍ଣ୍ଣବୋଧ' ରଚନାର ଉଦ୍ଦେଶ୍ୟ ହେଉଛି ଓଡ଼ିଆ ପଢ଼ିବା, ଲେଖିବା, କହିବାର ସରଳ ଉପାୟ ଓ କୋମଳମତି ଶିଶୁଟିକୁ ସତ୍ୟ ଓ ସଚ୍ଚୋଟ ପଥର ପଥିକ ହେବା ପାଇଁ ଉପଦେଶ । ମାତୃଭାଷା ଓଡ଼ିଆ ଶିକ୍ଷା ଲାଭର ପ୍ରାରମ୍ଭ ସହ ପ୍ରତି ଓଡ଼ିଆର ସଫଳତାର ସ୍ୱାଦ ବଖାଣୁଥିବା ପୁସ୍ତକଟି ଓଡ଼ିଆ ଭାଷାର ଏକ ଅମୂଲ୍ୟ ସମ୍ପଦ । ଯଦିଓ ପୁସ୍ତକ ଟିରେ ଲୋକଙ୍କୁ ଆକର୍ଷଣ କଲା ଭଳି ରଙ୍ଗୀନ କାଗଜ କିମ୍ବା ବିଶେଷ କରି ଆକର୍ଷଣୀୟ ଛବି ଦେଖିବାକୁ ମିଳୁନାହିଁ କିନ୍ତୁ ପ୍ରତି ଓଡ଼ିଆଙ୍କ ପାଇଁ ଏହାର ଅନେକ କିଛି ସ୍ୱତନ୍ତ୍ରତା ରହିଅଛି । ବର୍ଣ୍ଣବୋଧର ପ୍ରଥମାର୍ଦ୍ଧ ରେ ଲିଖନ ଓ ପଠନ ନିମନ୍ତେ ୪୯ଟି ବର୍ଣ୍ଣ (ସ୍ୱର ବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ ), ଏହାର ପ୍ରକାରଭେଦ ସହ ହ୍ରସ୍ୱସ୍ୱର(ଅ, ଇ, ଉ, ଋ, ଏ, ଓ), ଦୀର୍ଘସ୍ୱର(ଆ, ଈ, ଊ), ଯୌଗିକସ୍ୱର(ଐ, ଔ)ର ବର୍ଣ୍ଣନା ହୋଇଛି । କ ବର୍ଗ (କ,ଖ,ଗ,ଘ), ଚ ବର୍ଗ (ଚ, ଛ, ଜ,ଝ), ଟ ବର୍ଗ (ଟ, ଠ, ଡ, ଢ଼, ଣ), ତ ବର୍ଗ (ତ, ଥ, ଦ, ଧ,ନ), ପ ବର୍ଗ (ପ, ଫ, ବ, ଭ, ମ) ବର୍ଗ୍ୟ ବ୍ୟଞ୍ଜନ ଓ ଅବର୍ଗ୍ୟ ବ୍ୟଞ୍ଜନର ଚିଂହଟ ସହିତ ବିଭିନ୍ନ ପଦ ମଧ୍ୟ ଦେଖିବାକୁ ମିଳେ । ମାତ୍ରା, ଫଳା ଓ ଯୁକ୍ତାକ୍ଷରର ପ୍ରୟୋଗ କରି ସରଳ ଶବ୍ଦ ସଂଯୋଜନାର ନିଆରା ଉପସ୍ଥାପନ ଶୈଳୀ ପୁସ୍ତକଟିକୁ ଜନାଦୃତ କରିଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଶିଶୁଟିର ପଠନ ଲିଖନକୁ ସହଜ କରିବା ପାଇଁ ଶିଶୁ କୈନ୍ଦ୍ରିକ ଶବ୍ଦ ଗୁଡିକର ବ୍ୟବହାର ପୁସ୍ତକଟିକୁ ଅତି ମଧୁର କରିଅଛି । ଶେଷାର୍ଦ୍ଧରେ ସନ୍ଧ୍ୟା, ପ୍ରଭାତର ଦୃଶ୍ୟ, ସୁନ୍ଦର ସଂସାର, ପରମେଶ୍ୱର ବନ୍ଦନା, ଛଅ ଋତୁର ବର୍ଣ୍ଣନା, କବିତା ଆକାରରେ ୧୨ ମାସର ବର୍ଣ୍ଣନା, ଦିନ, ସପ୍ତାହ, ବାର, ମାସ, ପକ୍ଷ, ଦିଗ, ସୂର୍ଯ୍ୟ, ଚନ୍ଦ୍ର ସମ୍ବନ୍ଧରେ ସୂଚନା ଓ ବିବିଧ ପାଠ ଆଦିର ମିଶ୍ର ସଂଯୋଗ ଶିଶୁଟିକୁ ସୁ-ପଥର ପଥିକ ହେବା ପାଇଁ ସାହାଯ୍ୟ କରିବା ସହ ଭୌତିକ ଜଗତ ସହ ଯୋଡ଼ିଥାଏ ଯାହାକୁ ଏହି ପୁସ୍ତକର ଅନ୍ୟ ଏକ ଆକର୍ଷଣ । ଅକ୍ଷର, ଯୁକ୍ତାକ୍ଷର, ପଦ ଶିକ୍ଷା ପରେ ପରେ ଲିଖନର ଦକ୍ଷତା ବୃଦ୍ଧି ନିମନ୍ତେ ବର୍ଣ୍ଣ ବୋଧ ବହିରୁ ଦେଖି ନିଜର ହସ୍ତାକ୍ଷର ଲେଖିବା ସହ ଛାତ୍ରଛାତ୍ରୀମାନେ ଅନେକ ଶବ୍ଦ ସହ ଯୋଡ଼ି ହୋଇ ରହୁଥିଲେ। ଦାଣ୍ଡ ଦୁଆରେ କିମ୍ବା ଭାଗବତ ଘରେ ବସି କୋମଳମତି ଛାତ୍ର ଛାତ୍ରୀ ମାନେ ବର୍ଣ୍ଣବୋଧ ବହିରୁ ଓଡ଼ିଆ ଭାଷା ଶିଖିବା ସହ କବିତା ଗୁଡ଼ିକ ମୁଖସ୍ଥ କରୁଥିଲେ ।

ସାମ୍ପ୍ରତିକ ପରିସ୍ଥିତିରେ ପିଲାମାନେ କେତେ ଏହି ବହିକୁ ପଢ଼ିଛନ୍ତି ତାହା ତାଙ୍କ ଉଚ୍ଚଶିକ୍ଷାରୁ ହିଁ ଜଣା ପଡୁଛି । ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶ୍ରେଣୀରେ ଅଧ୍ୟୟନ କରୁଥିବା ଅଧିକାଂଶ ଛାତ୍ରଛାତ୍ରୀଙ୍କର ପଢ଼ିବା, ଲେଖିବା କହିବା ର ଦକ୍ଷତା ଅପେକ୍ଷାକୃତ କମ । ଶବ୍ଦ ଚିହ୍ନିବା ଓ ଲେଖିବା ଅଭାବର କରୁଣ ବାସ୍ତବତା ହେଉଛି ପ୍ରାଥମିକ ପର୍ଯ୍ୟାୟରେ ଓଡ଼ିଆ ଶିକ୍ଷାର ଦୁର୍ବଳତା । ଆଧୁନିକତାର ଛାପ ଓ ଜାଲରେ ଆଜିକାଲି ପିଲାମାନେ ଏମିତି ଛନ୍ଦି ହୋଇଯାଉଛନ୍ତି ଯେ ନିଜ ମାତୃଭାଷାକୁ ଭୁଲି ଅନ୍ୟ ଭାଷା ଶିଖିବା ପାଇଁ ପ୍ରତିଯୋଗିତା ଚାଲିଛି । ଅଭିଭାବକ ମାନେ ମଧ୍ୟ ନିଜର ପିଲା ମାନଙ୍କୁ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ମାନଙ୍କରେ ପଢେଇବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି ଯାହାକି ଓଡ଼ିଆ ରେ ପିଲାମାନେ ଦୁର୍ବଳ ହେବାର ଅନ୍ୟ ଏକ ପ୍ରମୁଖ କାରଣ ।

ଆଜିକାଲିର ପିଲାମାନେ ମନେ ରଖିବା ଉଚିତ ଯେ ଏହି ଭାଷା ଦିନେ ଆନ୍ଦୋଳିତ କରିଥିଲା ଅନେକ ମହାପୁରୁଷଙ୍କୁ, ଯେଉଁ ଆନ୍ଦୋଳନ ସୃଷ୍ଟି କରିଥିଲା-ଭାଷା ଭିତ୍ତିରେ ଏ ରାଜ୍ୟକୁ। ଭାଷା ମୋର ଆମ ସମସ୍ତଙ୍କର ଗର୍ବ । ଭାଷା ଓଡ଼ିଆ ମୋ ଗାରିମା । ଭାଷା ଓଡ଼ିଆର ଗୌରବ ପାଇଁ କେତେ କବି ପ୍ରାଣ ସୁମରି ଉଠିଛି-ଭାଷାର ସଙ୍ଗୀତ ଗାଇ । ମୋ ଭାଷା ସବୁଠୁ ସୁନ୍ଦର। ମୋ ଭାଷା ସବୁଠୁ ମଧୁର । ପ୍ରତ୍ୟେକ ଓଡିଆଙ୍କ ମନରେ ଭାଷା ପ୍ରୀତି ଜାଗ୍ରତ ହେବା ଦରକାର । ଓଡ଼ିଆ ଭାଷା ଅସ୍ମିତର ପ୍ରତୀକ ସ୍ୱରୂପ ଏହି 'ଛବିଳ ମଧୁବର୍ଣ୍ଣ ବୋଧ' ହେଉଛି କୋଟି ଓଡ଼ିଆର ଶିକ୍ଷା ପୁସ୍ତକ । ଏହା ଯେ କେବଳ ଭାଷା ଶିଖିବା କ୍ଷେତ୍ରରେ ସରଳ ସାବଲୀଳ କରିଛି ତା ନୁହେଁ ବରଂ ଏହା ପ୍ରତିଟି ଓଡ଼ିଆର ହୃଦୟରେ ନିଜକୁ ସ୍ଥାନ ଦେଇଛି । ଆଧୁନିକତାର ସ୍ପର୍ଶ ରେ ସବୁ କିଛି ବଦଳି ଯାଇଥିଲେ ମଧ୍ୟ ବର୍ଣ୍ଣବୋଧର ମୌଳିକତା ଓ ସ୍ୱତନ୍ତ୍ରତା ନିଶ୍ଚିତ ରୂପେ ନିଆରା । ଓଡ଼ିଆ ଭାଷା ତତ୍ତ୍ୱରେ ରୁଚି ରଖୁଥିବା ସମସ୍ତ ସହୃଦୟ ଭାଷା ବିଜ୍ଞାନ ତଥା ଓଡ଼ିଆ ଭାଷାର ପ୍ରଗତି ନିମନ୍ତେ ସଂକଳ୍ପବଦ୍ଧ ଭାଷା ପ୍ରେମୀ ମାନଙ୍କ ପାଇଁ ଏହା ଏକ ଅମୂଲ୍ୟ ବରଦାନ ସଦୃଶ । ଏବେ ବି ଏହି ପୁସ୍ତକର ଲୋକପ୍ରିୟତା ରହିଛି । ଉପାନ୍ତରୁ ଉପକୂଳ, ଗାଁରୁ ସହର, ଓଡ଼ିଶାର ଘରେ ଘରେ ପରିଚିତ ଥିବା ବହି ସହ ପ୍ରତି ଓଡ଼ିଆର ଅନେକ ସ୍ମୃତି ନିହାତି ଯୋଡ଼ି ହୋଇରହିଥିବ। ଏହି ଉପାଦେୟ ପୁସ୍ତକଟି କାଳକାଳ ଧରି ପଠନ ଯୋଗ୍ୟ ହୋଇରହିଛି ।

ଅଧ୍ୟାପକ, ବାଣିଜ୍ୟ ବିଭାଗ
କଟକ

# ବାଲେଶ୍ୱରବାସୀଙ୍କ ଆଶା ଏବେ ପୁରଣ ହେଲା !

**ସୁବ୍ରତ କର**



**ଆମ ରାଜ୍ୟ ସରକାରଙ୍କ ଆର୍ଥିକ ଅବସ୍ଥା ସେମିତି ଭଲ ନଥିବାରୁ ସରକାରଙ୍କଠାରୁ ବିଶେଷ କିଛି ଆଶା କରା ହୋଇ ନଥିଲା । ଏହି ସମୟରେ ୨୦୧୨ ମସିହାରେ ଭାରତ ସରକାରଙ୍କଠାରୁ ଖବର ଆସିଲା ଆମ ରାଜ୍ୟକୁ ୬ଟି ମେଡିକାଲ କଲେଜ ହେବାର ବ୍ୟବସ୍ଥା କରା ହୋଇଛି ।**

ବାଲେଶ୍ୱରବାସୀ ହୁଏତ କେବେ ଆଶା କରି ନଥିବେ ବାଲେଶ୍ୱରରେ ଏବେ ମେଡିକେଲ କଲେଜ ହେବ ଏବଂ ଏହି କଲେଜରୁ ପିଲାମାନେ ପାଠପଢ଼ି ଡାକ୍ତର ହୋଇ ବାହାରିବେ । ଏବେ ଏବେ ୯୮ ଜଣ ଆମ ଫକୀରମୋହନ ମେଡିକାଲ କଲେଜରୁ ଛାତ୍ର, ଛାତ୍ରୀମାନେ ଡାକ୍ତର, ଡାକ୍ତରାଣୀ ହୋଇ ରୋଗୀ ସେବାରେ ନିଜକୁ ନିୟୋଜିତ କରିବେ । ଏହାଠୁ ଆନନ୍ଦର ବିଷୟ ବସ୍ତୁ ଆଉ କିଛି ହୋଇ ପାରିବ ନାହିଁ । ମୋର ଜାଣିବାରେ ଆମ କଲେଜରେ ୧୦୦ ଜଣଙ୍କ ପାଇଁ ବ୍ୟବସ୍ଥା ଅଛି ଏବଂ ପ୍ରଥମେ ବର୍ଷ ଜଣେ ଛାତ୍ର ଏଡମିଶନ ଦେଇ କଲେଜ ଛାଡ଼ି ଦେଇଥିଲେ । ୯୯ ଜଣ ଛାତ୍ରଛାତ୍ରୀରୁ ୯୮ ଜଣ ଫଳପ୍ରଦ ହୋଇ ଏବେ ହୁଏତ ଆମର ମେଡିକାଲ କଲେଜ ହସସିଟାଲଠାରେ ହାଉସସର୍ଜନ ହୋଇ ଯୋଗଦେବେ ।

ଏହି ସଫଳ କାହାଣୀର ଇତିହାସକୁ ଗଲେ ଆମକୁ ୨୦୦୫ ମସିହାକୁ ଫେରିବାକୁ ପଡ଼ିବ । ଏବଂ ସେହି ମସିହାରେ ସ୍ୱର୍ଗତ ଡାକ୍ତର ହରିଶ ଜେନାଙ୍କ ସଭାପତିତ୍ୱରେ ଏକ ସଂଗଠନ ତିଆରି ହୋଇଥିଲା ଏବଂ ନାମିତ ହୋଇଥିଲା । ବାଲେଶ୍ୱର ମେଡିକାଲ କ୍ରୀୟାନୁଷ୍ଠାନ କମିଟି । ଏହି ସଂଗଠନରେ ବିବିଶେଷ ବିଶେଷ ଲୋକ ଯୋଗଦେଇ ସଂଗଠନକୁ ମଜବୁତ କରିବା ସହିତ ସରକାରୀ ସ୍ତରରେର ଏକ ମେଡିକାଲ କଲେଜ କେମିତି ହୋଇପାରିବ ତାହା ପାଇଁ ଅରହର ଚେଷ୍ଟା କଲେ । ଏମିତିକି ଡାକ୍ତର ହରିଶ ଜେନା ନିଜ ଘରର ଏକ ଭାଗରେ ଥିବା ଗୋଟାଏ କୋଠରୀ ଏବଂ ସଦସ୍ୟମାନଙ୍କ ବସିବା ପାଇଁ ଏକ ଲମ୍ବ ବାରଣ୍ଡା ମାଗଣାରେ ପ୍ରତି ସପ୍ତାହରେ ବସି କେମିତି କଲେଜ ହୋଇପାରିବ ତା'ର ଚେଷ୍ଟାରେ ସମସ୍ତେ ଲାଗିଲେ । ଆମ ରାଜ୍ୟ ସରକାରଙ୍କ ଆର୍ଥିକ ଅବସ୍ଥା ସେମିତି ଭଲ ନଥିବାରୁ ସରକାରଙ୍କଠାରୁ ବିଶେଷ କିଛି ଆଶା କରା ହୋଇ ନଥିଲା । ଏହି ସମୟରେ ୨୦୧୨ ମସିହାରେ ଭାରତ ସରକାରଙ୍କଠାରୁ ଖବର ଆସିଲା ଆମ ରାଜ୍ୟକୁ ୬ଟି ମେଡିକାଲ କଲେଜ ହେବାର ବ୍ୟବସ୍ଥା କରା ହୋଇଛି । ଖବର ପରେ କମିଟିର ସଦସ୍ୟ ଏବଂ ସଦସ୍ୟାମାନେ ଦିନ ରାତିକୁ ଏକ କରି ଲାଗିଲେ କେମିତି ୩୦ ଜିଲ୍ଲାରୁ ଏବଂ ୬ଟି ମେଡିକାଲ କଲେଜକୁ ଭାଗ କରିଲା ବେଳେ ବାଲେଶ୍ୱର କେମିତି ପାଇବ । ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟାଭେଟି କାର୍ଯ୍ୟକ୍ରମ ଚାଲିଲା ଏବଂ ଶେଷରେ ୨୦୧୬ରେ ମୁଖ୍ୟମନ୍ତ୍ରୀ ବାଲେଶ୍ୱରକୁ ଏକ ମେଡିକାଲ କଲେଜ ଦେଲେ ଏବଂ ଏହାର ନାମକରଣ ହେଲା । ସେ ମଧ୍ୟ ସେହି ବର୍ଷ ଭିତ୍ତି ପ୍ରଚୁର ସ୍ଥାପନ କଲେ ଏବଂ ଖୁବଶିଘ୍ର କଲେଜଟି ତିଆରି ମଧ୍ୟ ସରିଲା । ପୁଣି ମୁଖ୍ୟମନ୍ତ୍ରୀ ଆସି କଲେଜକୁ ବାଲେଶ୍ୱର ବାସୀଙ୍କୁ ଉପହାର ଦେଲେ ଏବଂ ଏହି ଡାକ୍ତର ଡାକ୍ତରାଣୀ ହୋଇ ବାହାରିଥିବା ପିଲାଙ୍କୁ ଭେଟି ଆଶୀର୍ବାଦ କରିଥିଲେ । ସେହି ମୁଖ୍ୟମନ୍ତ୍ରୀ ଅଛନ୍ତି, ସେହି କ୍ରୀୟାନୁଷ୍ଠାନ କମିଟି ଅଛି ସେହି କଲେଜ ଅଛି ପିଲା ଡାକ୍ତର ହୋଇ ବାରିଲେ ଲୋକଙ୍କ ସେବା କରିବା ପାଇଁ । ଖୁବ କମ୍‌ରେ ଏହାହିଁ ହେଉଛି ଇତିହାସ ଏବଂ ପରବର୍ତ୍ତୀ ଇତିହାସ ପାଇଁ ବହୁତ କିଛି ବାକି ଅଛି ।




## ମାଟି

**ପଦ୍ମାଳୟା ସାମଲ**

ମାଟିରୁ ଯାଇଥାଏ ବୋଲି ତ ମେଘ
ଫେରିଆସେ ମାଟିର କୋଳକୁ
ମାଟିର କୋଳରେ ବଢିଥିବା
ଧାନକେଣ୍ଡା
ମୁଣ୍ଡିଆ ମାରେ ମାଟିକୁ
ମାଟିରୁ ବଢିଥିବା ଗଛରେ
ଫୁଟିଥିବା ଫୁଲ, ଫଳିଥିବା ଫଳ
ଝଡିଗଲା ପରେ
ମାଟି ହିଁ ନିର୍ବିକାର ହୋଇ
ଆଦରି ନିଏ ତାକୁ ।
ମଞ୍ଜି ବି କଣ ଭୁଲିପାରେ ମାଟିର
ମାତୃତ୍ୱ
ସବୁଜ ଅନୁରାଗରେ ଛନ୍ଦିହୋଇ
ପତ୍ରେଇଫୁଲେଇ,
ଫଳେଇଯିବାପରେ
ଅନୁଭବର ଅତ୍ମୀୟତାରେ
ବାନ୍ଧିହୋଇଯାଏ ।

ମାଟି ଅଛି ବୋଲି ତ
ଜୀବନ ହୋଇ ସଞ୍ଚରିପାରେ
ପାଣି ଆଉ ପବନ,
ମାଟିର ମହକ ହିଁ ବ୍ୟାପିପାରେ
ଦିଗନ୍ତ ପ୍ରସାରି
ଦେଶରୁ ଦେଶାନ୍ତର
କାଳରୁ କାଳାନ୍ତର,
ମାଟିରେ ହିଁ ତିଆରି ହୋଇପାରେ
ଭଳିକି ଭଳି ମହାନ ହୃଦୟ ।

ମାଟି ହିଁ ପ୍ରଳୟ
ମାଟିରେ ବିଜୟ
ମାଟିରେ ବିଲୟ ।
ସୂଚ୍ୟଗ୍ର ମେଦିନୀର ଲୋଭ ଓ
ଲାଳସାରେ
ମାଟିର ମୋହ ଭିତରେ
ଚେରେଇଯାଏ
ଅମାନିଆ ମନର ଦ୍ରୋହ
ଅବକ୍ଷୟୀ ଓ ଅହଙ୍କାରୀ ଭାବର
କୋହ
ମଣିଷ ବୁଝି ବି ଅବୁଝା ହୁଏ
ମାଟିରୁ ତିଆରି ଏ ଅମୂଲ୍ୟ ଶରୀର
ଦିନେ ମାଟିରେ ହିଁ ମିଶିଯାଏ ।

ମାଟିର ମମତ୍ୱ ଭିତରେ ସର୍ଜନାର
ଆଦିରୂପ
କେବେ ବି ନିଷ୍ପ୍ରାଣ ନ ହେଉ
ବୀଜମନ୍ତରେ କଅଁଳିଯାଉଥିବା
କୁନିକୁନି ପତ୍ରଙ୍କ
ଶାଗୁଆ ସମ୍ମୋହନ ଭିତରେ
ମଣିଷର ଚଲାପଥ ସଦା କୁସୁମିତ
ହେଉ ।

ଭୁବନେଶ୍ୱର

## ପ୍ରୀତିର ମହ୍ଲାର

**ବେଣୁଧର ସୂତାର**

ବୟସର ଗୋଲପି ବେଳାରେ
କାହାର ଏ ମୃଦୁ ପାଦଚିହ୍ନ
ମୁହିଁ ମୁକ୍ତ ପ୍ରଜାପତି ଟିଏ
ମନ ତଳେ ମିଠା ଆଲୋଡନ ।

ସପନରେ ମହୁଆ ଚମକ
ପୁଲକିତ ଉତ୍ ଫୁଲ ଉଲ୍ଲାସେ
ବୁକତଳେ ଖେଳେ ଉନ୍ମାଦନା
ମନ ମଲ୍ଲୀ ମହମହ ବାସେ ।

ତନୁତୀର୍ଥେ ବହଳ ରୋମାଞ୍ଚ
ସପନର ଚାରୁବେଳା ତୀରେ
ଝୁମିଝୁମି ନାଚିଯାଏ ମନ
ମୂର୍ଚ୍ଛନାର ଅପୂର୍ବ ଝଙ୍କାରେ ।

ଅଙ୍ଗେଅଙ୍ଗେ ଶିହରଣ ଜାଗେ
ମନହୁଏ ସତେ ଆନମନା
ବୟସର ତନ୍ଦ୍ରିଳ ସ୍ୱପ୍ନରେ
ବିଳାସର ବହଳ ବ୍ୟଞ୍ଜନା ।

ମିଠା ମିଠା ରୂପଚିତ୍ର ଆଙ୍କେ
ନୀଳ ନୀଳ ନିଟୋଳ ନୟନେ
ସପନର ଝୁଲଣାରେ ବସି
ମନଝୁମେ ପ୍ରୀତିଫୁଲବନେ ।

ପ୍ରୀତିମୟ ଲାଗେ ଏ ସଂସାର
ବୟସରେ କୃଷ୍ଣଚୂଡ଼ା ରଙ୍ଗ
ମିଠା ତାତି ଭରିଦିଏ ଅଙ୍ଗେ
ନୟନରେ ତଡିତ୍ ତରଙ୍ଗ ।

ଆବେଗର ମୁଗ୍ଧ ଅନୁରାଗ
ବୟସରେ ମଧୁର ଶୃଙ୍ଗାର
ଯୌବନର କାଉଁରୀ କୁହୁକେ
ମନ ଗାଏ ପ୍ରୀତିର ମହ୍ଲାର ।

ରଙ୍ଗମୟ ଛନ୍ଦମୟ ତନୁ
ଋତୁଲାଗେ ଫଗୁଣ ଫଗୁଣ
ସପନର କୋଣ ଅନୁକୋଣେ
ପୁଲକିତ ପ୍ରୀତିର ପାର୍ବଣ ।

ରୂପ ରଙ୍ଗ ରସ ସମାହାର
ଲାବଣ୍ୟର ରମ୍ୟ ପଦ୍ମବନ
ତାରୁଣ୍ୟର ତନ୍ମୟ କୁଞ୍ଜକୁ
ରଙ୍ଗସ୍ୱପ୍ନେ ଆସିଛି ଯୌବନ ।

କେଶଦୁରାପାଳ
କେନ୍ଦୁଝର
ମୋ : ୯୧୭୮୫୬୮୨୪୬

## ନ କହି ରହିପାରୁନି

**ପ୍ରଭାତ କୁମାର ଆଚାର୍ଯ୍ୟ**



ବର୍ଣ୍ଣବୋଧରେ ପଢ଼ିଥିଲି
ଯାହା ମୁଁ କରଇ ଯାହା ମୁଁ ଚିନ୍ତଇ
ମନେ
ଜଗତର କର୍ତ୍ତା ପରମ ଈଶ୍ୱର
ଜାଣୁଛନ୍ତି ପ୍ରତିକ୍ଷଣେ ।
କାହିଁ ମୋ ଦୁଃଖ ତ ତୁମେ ଜାଣିଲନି ?
ମୋ କଷ୍ଟ ତ ତୁମେ ବୁଝିଲନି ?
ମୋ ଡାକ ତ ତୁମେ ଶୁଣିଲନି ?
ହେ ପ୍ରଭୁ ! ଆଉ ମୁଁ ସହି ପାରୁନି
ଆଜି ନ କହି ମୁଁ ରହିପାରୁନି।

ବ୍ରାହ୍ମଣ କୁଳରେ ଜନମ ଦେଲ
ସୁସ୍ଥସବଳେ ଗଢ଼ି ତୋଳିଲ
ମଗଜରେ ବୁଦ୍ଧି ଭରିଲ
ପାଠରେ ଶାଠରେ ଆଗୁଆ କଲ
ଜମି ବାଡ଼ି ବିକି ବାପା ପଢ଼ାଇଲେ
ବୁଢ଼ାକାଳକୁ ଭରସା କଲେ
ଇଣ୍ଟରଭିଉ ଦେଇ ଦେଇ ବୟସ
ଗଡ଼ିଲା
ଚାକିରି ଖଣ୍ଡିଏ ପାଇପାରୁନି
ଆଜି ନ କହି ମୁଁ ରହିପାରୁନି ।

ପତିତ ଉଦ୍ଧାର କରୁଥାଅ ବୋଲି
ପତିତପାବନ ହୋଇଲ
ତେବେ ସଂରକ୍ଷଣ ନୀତି କିଆଁ ରଚିଲ ?
ଜାତି, ଉପଜାତି, ସଂଖ୍ୟାଲଘୁ
ଦିବ୍ୟାଙ୍ଗ, ବିପିଏଲ୍ କୋଟା ସର୍ଜିଲ ?
ସବୁ କୋଟା ଯାଇ ଜେନେରାଲ
କୋଟା
ମୋ ଭାଗ୍ୟରେ ତ ଆସୁନି
ଆଜି ନ କହି ମୁଁ ରହିପାରୁନି ।


ବୟସ ହେଲାଣି ତିରିଶି
ଅକର୍ମା ବୋଲି ମା'
ଲୁଚେଇ ଲୁଚେଇ କାନ୍ଦୁଛି
ମନେ ମନେ ଗାଳି ଦେଉଛି
ତା'ରି ଭିତରେ ମୋ ଚାକିରି ପାଇଁ
ଦିଅଁ ଦେବତା ମନାସି ଯାଉଛି
ସବୁ ତ ଦେଖୁଛି ଜାଣୁଛି
ହେଲେ କିଛି ତ କରି ପାରୁନି
ଆଜି ନ କହି ମୁଁ ରହିପାରୁନି ।

ବାପାଙ୍କର ବଙ୍କା ଗାଳି
ଭାଇ ଭଉଣୀଙ୍କ ଅଳି
ହଜମ ନ ହେଲେ ବି ଯାଉଅଛି ଗିଳି
ବୋହୂ ଆଣିବ ବୋଲି ମା'ସପନ
ଦେଖୁଛି
ହେଲେ ଝିଅ ଗୋଟେ ତାକୁ ମିଳୁନି
ଆଜି ନ କହି ମୁଁ ରହିପାରୁନି ।

ଭାବିଛି ଫାଷ୍ଟଫୁଡ୍ ଦୋକାନଟେ
କରିବି
ଅବା ତୋ ଦେଉଳ ଆଗେ
ମଟନ୍ ଚିକେନ୍ କାଟି ବିକିବି
ଦୋକାନ ଆଗରେ
ସାର୍ଟିଫିକେଟ ସବୁ ଟାଙ୍ଗିବି
ଏସବୁ ପାଇଁ ପୁଞ୍ଜି ମହାଜନି
ବ୍ୟାଙ୍କବାଲା ମୋତେ ଦଉନି
ଆଜି ନ କହି ମୁଁ ରହିପାରୁନି ।
ମାଗୁଛି ଏତିକି ରଖିବ ମିନତି
କୋଟା ପ୍ରଥା ଉଠାଇ ଦିଅ
ନ ହେଲେ ଜେନେରାଲ ଘରେ
ଯିଏ ଜନମୁଛି
ତା' ତଣ୍ଟିଚିପି ମାରିଦିଅ
ଅବା ତା'ହାତେ ଭିକ୍ଷାଥାଳ
ଧରେଇ ଦିଅ
ତୁମ ପାରିବା ପଣିଆ ଜାଣି ଗଲିନି
ମୋ ଆଖିରୁ ଲୁହ ଶୁଖୁନି
ଆଜି ନ କହି ମୁଁ ରହିପାରୁନି ।

ସିଦ୍ଧେଶ୍ୱର କଲୋନୀ, ଜାନୁଗଞ୍ଜ,
ବାଲେଶ୍ୱର

# ମାନିନୀ



## ବିଷ୍ଣୁ ପ୍ରସାଦ ଦାସ

ମାନିନୀ ଅପରାହ୍ନରେ ଘରର ସବୁ କାମ ସାରି ସୋଫା ଉପରେ ବସି ଟିକେ ବିଶ୍ରାମ ନେଉଥିଲା, ସାରା ଘରର କାମ ଯେତେ କଲେବି ସରୁନାହିଁ ଓ ନିଜକୁ ନିଜେ ଗୁଣୁ ଗୁଣୁ ହୋଇ କ'ଣ ସବୁ କହିଚାଲିଥିଲା, ହାତରେ ସ୍ମାର୍ଟ ଫୋନ, ଟିକେ ସମୟ ମିଳିଲେ ବାସ ଏହି ସ୍ମାର୍ଟଫୋନ ସବୁଠାରୁ ବେଶୀ ନିଜର ପରି ମନେହୁଏ । ପୃଥିବୀର ଅଷ୍ଟମ ଆଶ୍ଚର୍ଯ୍ୟ ବୋଧହୁଏ ଏହି ସ୍ମାର୍ଟଫୋନ, ମଣିଷର ସବୁ ଆବଶ୍ୟକତାକୁ ସ୍ମାର୍ଟଫୋନ ଅନଲାଇନ ଦ୍ୱାରା ପୂରଣ କରିପାରୁଛି, ତେଣୁ ଆଜିକାଲି ପିଲାଠାରୁ ବୟସ୍କ ବ୍ୟକ୍ତି ସମସ୍ତଙ୍କର ପ୍ରିୟ ଏହି ସ୍ମାର୍ଟଫୋନ ଓ ଯୁଗ ବଦଳୁଛି ଆଉ ତାହା ସହିତ ମଣିଷର ଚାହିଦା ମଧ ବଦଳୁଛି । ସ୍ମାର୍ଟଫୋନର ଅପବ୍ୟବହାର ତଥା ଅତ୍ୟଧିକ ବ୍ୟବହାର ଆମପାଇଁ କ୍ଷତିକାରକ, ଅନେକ ଯୁବକ ଯୁବତୀ, କୋମଳମତି ବାଳକ ବାଳିକା ଏହି ସ୍ମାର୍ଟଫୋନ ଦ୍ୱାରା ଅନେକ ଅସୁବିଧାରେ ପଡୁଛନ୍ତି ବେଳେବେଳେ କୁପଥରେ ଯାଇ ନିଜ ଜୀବନ ମଧ ଦେଇ ଦେଉଛନ୍ତି । ସାଇବର ଠକମାନେ ଲୋକଙ୍କ ସରଳତାର ସୁଯୋଗ ନେଇ ତା'ଙ୍କୁ ତଳିତଳାନ୍ତ କରିଦେଉଛନ୍ତି । ତେଣୁ ଏହି ସ୍ମାର୍ଟଫୋନ ଆମପାଇଁ ଯେତିକି ଭଲ ସେତିକି ଖରାପ, ଆମେ ନିଜକୁ ନିଜେ ଯେତେ ନିୟନ୍ତ୍ରଣରେ ରଖିପାରିବା ସେତେ ଉପକୃତ ହେବା, ପରିବାରର ଶାନ୍ତି ଆଗରେ ସ୍ମାର୍ଟ ଫୋନ ତୁଚ୍ଛ ।

ମାନିନୀ ସ୍ମାର୍ଟଫୋନ ଖୋଲି କିଛି ଦେଖି ଚାଲିଛି ଆଉ ତା'ର ଆଙ୍ଗୁଳି ଟିପ ଟାଇପ କରିଚାଲିଛି, ହଠାତ ନିର୍ମଳାଦେବୀ ମାନିନୀ ହାତରୁ ସ୍ମାର୍ଟ ଫୋନଟି ଟାଣିନେଲେ, ନିର୍ମଳା ଦେବୀ ମାନିନୀର ଶାଶୁମା' । ମାନିନୀ ହଠାତ କିଛି ବୁଝିପାରିଲାନାହିଁ, ଆଶ୍ଚର୍ଯ୍ୟ ହୋଇ ନିର୍ମଳା ଦେବୀଙ୍କୁ ଚାହିଁ ପଚାରିଲା 'ମା' କ'ଣ ହେଲା ? ମୁଁ ତ' ଘର କାମ ସବୁ ସାରିଦେଇ ଟିକେ ମୋବାଇଲ ଧରି ବସିଛି, ନିର୍ମଳା ଦେବୀ କୌଣସି ଉତ୍ତର ନ'ଦେଇ ମୋବାଇଲଟିକୁ ଧରି ଚାଲିଗଲେ । ମାନିନୀକୁ ଏହା ଖୁବ ଖରାପ ଲାଗିଲା, ସେ' ନିଜକୁ ଅପମାନିତ ବୋଧ କଲା, କାହାକୁ କିଛି ନ'କହି ନିଜ ବେଡ଼ ରୁମକୁ ଯାଇ ଖଟ ଉପରେ ଶୋଇ କାନ୍ଦିବାକୁ ଲାଗିଲା । ସେ ନିଜକୁ ନିଜେ ବିଶ୍ୱାସ କରିପାରୁନଥିଲା ଯେ, ତା'ର ଶାଶୁମା କେମିତି ଏତେ ବଦଳିଗଲେ ? ମାନିନୀ ଭାବୁଥିଲା ସେଇ ପୁରୁଣା କଥା, ସେ ଯେତେବେଳେ ଅଶୋକଙ୍କୁ ବାହାହୋଇ ଆସିଲା ସେତେବେଳେ ଶାଶୁମା' କେତେ ଭଲ ଥିଲେ, ସେ ନିଜକୁ ନେଜେ ଭାବି ପାରୁନଥିଲା ଯେ, ସେ ଏ'ଘରର ବୋହୁ ନା'ଝିଅ ? ପ୍ରତିଟି କଥାରେ ସ୍ନେହ ମମତା ଆଉ ଭଲପାଇବା ଭରି ରହିଥିଲା, ଡାଇନିଂ ଟେବୁଲରେ ସମସ୍ତେ ବସି ଏକାଠି ଖାଉଥିଲେ, ମଜା ମଜା ଗଳ୍ପ ବି କରୁଥିଲେ । ସମୟ ସମୟରେ ଶାଶୁମା' କହୁଥିଲେ ମାନିନୀ ତୁ ତ' ମୋ'ର ବୋହୁ ନୁହେଁ, ତୁ ମୋର ଝିଅ, ମୋ'ର କେହି ଝିଅ ନାହାନ୍ତି ଅଶୋକ ଗୋଟିଏ ମାତ୍ର ପୁଅ ତେଣୁ ତୁମେ ଦୁଇଜଣ ଆମ ମାନଙ୍କର ସାହା ଭରସା, ଯେତେଦିନ ଆମେ ଅଛୁ ହସଖୁସିରେ ସଂସାରଟା ଏମିତି ଚାଲିଥାଉ । ଏତେ ସ୍ନେହ ଏତେ ସହାନୁଭୂତି, ଏତେ ଭଲପାଇବା, ଏତେ ଆନ୍ତରିକତା ଏସବୁ କ'ଣ ଲୋକ ଦେଖାଣିଆ ଥିଲା ? ମାନିନୀ ମସ୍ତିଷ୍କରେ କେତେ କ'ଣ ନକାରାତ୍ମକ ଚିନ୍ତାଧାରା ପ୍ରବେଶ କରୁଥିଲା ଆଉ ମନେ ମନେ ନିଜକୁ ଖୁବ ଦୁଃଖୀ ପରି ଅନୁଭବ କରୁଥିଲା । ଦୀର୍ଘ ଦୁଇ ବର୍ଷର ବିବାହିତ ଜୀବନ ଭିତରେ ଶାଶୁମା'ଙ୍କ ଠାରୁ ଏପରି ବ୍ୟବହାର କେବେବି ପାଇ ନ'ଥିଲା, ତେବେ ଆଜି ଶାଶୁମା'ଙ୍କର ହେଲା କଣ ? ସେ ଏତେ କଠୋର କାହିଁକି ହେଲେ ? ମନ ଭିତରେ ଅନେକ ଅସମାହିତ ପ୍ରଶ୍ନ ଆଉ ଅନେକ ଉତ୍ତର ଭିତର କିଛି ସମୟ ବିତି ଯାଇଛି, ଟିକେ ଛାଇ ନିଦ ଲାଗିଯାଇଥିଲା ମାନିନୀକୁ ।

ହଠାତ ଅଶୋକଙ୍କ ପାଟିରେ ମାନିନୀର ଛାଇ ନିଦଟା ଭାଙ୍ଗିଗଲା । ଅଶୋକ ପ୍ରାୟ ସନ୍ଧ୍ୟା ସାତଟା ସୁଦ୍ଧା ଅଫିସରୁ ଘରକୁ ଫେରନ୍ତି ଓ ସନ୍ଧ୍ୟା ବେଳେ ଚା' ଜଳଖିଆ ଖାଇଦେଇ ସେ ତା'ଙ୍କ କାମରେ ବ୍ୟସ୍ତ, ଶାଶୁମା ଏକା, ସେ ପ୍ରାୟ ଟିଭି ଦେଖିବାକୁ ଭଲ ପାଆ'ନ୍ତି ନାହିଁ, ସେ ଟିକେ ଗପୁଡି ତେବେ କାହା ସହିତ ଆଉ ଗପିବେ ? ଶ୍ୱଶୁର ଦୂର ଜାଗାରେ କାମ କରନ୍ତି ତେଣୁ ସେ ପ୍ରତି ଶନିବାର ଦିନ ଆସି ପୁଣି ସୋମବାର ସକାଳେ ନିଜ କାର୍ଯ୍ୟାଳୟକୁ ଫେରି ଯା'ନ୍ତି, ଘରେ ଆମେ ତିନିଜଣ ଓ ଶାଶୁମା' ଚା' ଜଳଖିଆ ଅଶୋକଙ୍କୁ ଦେଇଦେଲେ, ଅଶୋକ ଚା' ଜଳଖିଆ ଖାଇ ମାନିନୀ ପାଖକୁ ଆସି ଉଚ୍ଚ ସ୍ୱରରେ ପଚାରିଲେ 'ମାନିନୀ ତୁମେ ମୋତେ' ଫେସବୁକ'ରେ ବ୍ଲକ କରିଦେଇଛ କାହିଁକି ? ତୁମେ ଖୁବ ଅଭାଦ୍ରାମୀ କରୁଛ, ମୋର ସାଙ୍ଗ ମାନଙ୍କ ସହିତ ତୁମର କ'ଣ ସମ୍ପର୍କ ? ଆଉ ତୁମେ ତା'ଙ୍କୁ 'ଲାଇକ' 'ସେଆର' କରୁଛ କିନ୍ତୁ ଆଜି ଦେଖୁଛି ତୁମେ ମୋତେ ବ୍ଲକ କରିଛ, ମାନିନୀ ବି ଚୁପ ରହିବାକୁ ପସନ୍ଦ କରିନଥିଲା, ଏକରେ ମୋବାଇଲ ଫୋନ ଶାଶୁମା' ନେଇ ଯିବାର ଦୁଃଖ ତା' ଉପରେ ଅଶୋକଙ୍କ ନାଲି ଆଖି ମାନିନୀ ଉତ୍ତର ଦେଇଥିଲଓ 'କ'ଣ କହିବାକୁ ଚାହୁଁଛ ? ସବୁ ଦୋଷ ମୋର ? ମୁଁ କ'ଣ ନିଜ ଉପରୁ ନିଜର ନିୟନ୍ତ୍ରଣ ହରାଇ ବସିଛି ନା କ'ଣ ? ମୁଁ ଘରର କୂଳବଧୂ ମୋର ବି ମାନ ସମ୍ମାନ ଅଛି , ମୋ'ର ବି ଆଭିଜାତ୍ୟ ଅଛି , ତୁମେ ଯାହା କହୁଛ ନିଜ ନିୟନ୍ତ୍ରଣରେ ରହି କୁହ, ମୁଁ ଏପରି କିଛି କାର୍ଯ୍ୟ କରିନାହିଁ ଯେ, ଯେଉଁଥିପାଇଁ ନିଜକୁ ଲଜ୍ଜିତ ଅନୁଭବ କରିବି ' କିଛି ସମୟର ନୀରବତା ପରେ ହଠାତ ଅଶୋକ ଉତ୍‌କ୍ଷିପ୍ତ ହୋଇ ମାନିନୀକୁ ଏକ ଶକ୍ତ ଚଟକଣା ଦେଲେ ଓ ମାନିନୀର ଧର୍ଯ୍ୟର ସୀମା ଟପିଗଲା ମାନିନୀ ମଧ ନିଜକୁ ସମ୍ଭାଳିବା ଅବସ୍ଥାରେ ନ'ଥିଲ । , ଅଶୋକଙ୍କୁ କହିଥିଲ । 'ମୁଁ କାହାରିକୁ ବ୍ଲକ କରିନାହିଁ, ଯଦି ବିଶ୍ୱାସ ନ'ହେଉଛି ଯାଅ ମା'ଙ୍କୁ ପଚାର ସେ ଆଜି ଅପରାହ୍ନରୁ ମୋ' ଠାରୁ ମୋବାଇଲ ନେଇ ଯାଇଛନ୍ତି ତେଣୁ ସେ ହିଁ ଏହାର ଉତ୍ତର ଦେବେ' । ସମୟ ଅସମୟରେ ଟିକେ ମୋବାଇଲ ଧରି ସମୟ ବିତାଉଥିଲି, କିନ୍ତୁ ମା' ଆଜି କ'ଣ ଭାବିଲେ କେଜାଣି ମୋ'ଠାରୁ ମୋବାଇଲ ଫୋନ ନେଇଯାଇଛନ୍ତି । ଦୟାକରି ମୋତେ ଆଉ ବିରକ୍ତ ନ'କରି ଯାଇ ମା'ଙ୍କୁ ପଚାର ଆଉ ନିଜ ଉପରେ ନିଜର ନିୟନ୍ତ୍ରଣ ରଖ, ଭୁଲି ଯାଅନାହିଁ ଯେ, ମୁଁ ତୁମର ବିବାହିତା ସ୍ତ୍ରୀ, ଘରର ଚାକରାଣୀ ନୁହେଁ" ।

ସେଦିନ ଶନିବାର ଥିଲା କିଛି ସମୟ ପରେ ଶ୍ୱଶୁର ମହାଶୟ ଘରକୁ ପ୍ରବେଶ କଲେ, ଘରେ ବାତାବରଣ ଉଷ୍ମ ଥିଲା, ସେ ସବୁ ବିଷୟ ଶାଶୁମା'ଙ୍କ ଠାରୁ ବୁଝିଲା ପରେ ମାନିନୀକୁ ଡାକିଲେ, ମାନିନୀ ଆସି ତା'ଙ୍କ ପାଖରେ ଠିଆ ହେଲା, ଶାଶୁମା' ଶ୍ୱଶୁରଙ୍କ ପାଖରେ ବସି ଥା'ନ୍ତି ଓ ମାନିନୀ ପଚାରିଲା 'ବାପା ଆପଣ ମୋତେ ଡାକୁଥିଲେ ? ହଁ,ରେ ମା', ମୋ' ପାଇଁ ଟିକେ ଭଲ ଚା' କରି ଆଣିଲୁ, ଆଜି ଟିକେ ମୋତେ ଥକ୍କା ଲାଗୁଛି, ଶାଶୁମା'ଙ୍କ ବଡ଼ ବଡ଼ ଆଖି ଦେଖି ମାନିନୀ ଚା' କରିବାକୁ ଚାଲିଯାଇଥିଲା, ସତରେ ଶାଶୁମାଙ୍କ ଉପରେ ମାନିନୀର ମନ ଭିତରେ ରାଗ ଆସି ଯାଇଥିଲା ଓ ଚା' ଧରି ଆସିଲାବେଳେ ମାନିନୀ ଶୁଣିଲା, ଶାଶୁମା' ଶ୍ୱଶୁରଙ୍କୁ କହୁଛନ୍ତି 'ତୁମେ କି ବୋହୁ ଆଣିଲ ଯେ, ସବୁବେଳେ ଖାଲି ମୋବାଇଲ ଧରି ବସିଛି' ଶ୍ୱଶୁରଙ୍କ ଉତ୍ତର ଥିଲା, 'ନିର୍ମଳା ଶୁଣ, ଅଶୋକ ତ' ମାନିନୀକୁ ପସନ୍ଦ କରିଥିଲା ତୁମେ ବି ଦେଖିଲ ଆଉ ଶେଷରେ ମୋତେ ଦୋଷ ଦେଉଛ କାହିଁକି ? ଆଜିକାଲି ତ' ମୋବାଇଲର ଯୁଗ ମୁଁ କ'ଣ କରିପାରିବି କୁହ ?' ମାନିନୀ ଚା' ଦେଇ ନିଜ ରୁମକୁ ଚାଲି ଆସିଥିଲା, ଅଶୋକ ମୋବାଇଲ ନେଇ ବ୍ୟସ୍ତ ଓ ଚା' ପିଇସାରି ବାପା ରୁମକୁ ପ୍ରବେଶ କରିବା ପୂର୍ବରୁ ଅଶୋକ, ଅଶୋକ ଡାକ ଦେଲେ ଆଉ ଆମେ ଦୁଇଜଣ ଟିକେ ସତର୍କ ହୋଇଗଲୁ, ବାପା ଅଶୋକଙ୍କୁ କହିଲେ 'ଅଶୋକ ତୋ'ର ମୋବାଇଲ ଟିକେ ଦେଲୁ ' ଅଶୋକ ମୋବାଇଲ ଦେବାପରେ ବାପା ତା'ଙ୍କୁ ନିଜ ପକେଟ ଭିତରେ ପୁରାଇ କହିଲେ 'ଏଇଟା କାଲି ସକାଳେ ପାଇବୁ, ହଁ ଆଉ ମନେ ରଖ ଅଫିସରୁ ଆସିଲେ ଏଇ ଫୋନ ତୋ'ର ମା'ଙ୍କୁ ଦେଇ ଦେବୁ ପୁଣି ପରଦିନ ଅଫିସ ଗଲାବେଳେ ମା'ଙ୍କ ଠାରୁ ନେଇନେବୁ , ମୋ' କଥାରୁ ଯଦି ବିଚ୍ୟୁତ ହେବୁ ତେବେ ମୋ'ର ରୂପ ଦେଖିବୁ 'ଶାଶୁମା' ପୁଅକୁ ଘଣ୍ଟ ଘୋଡ଼େଇବାକୁ ଚେଷ୍ଟା କରୁଥିବା ବେଳେ ବାପା ନିଜ କଥାରେ ଅଟଳ ଥିଲେ ଓ ଅଶୋକ ଟିକେ ବିରୋଧ କରି ବାପାଙ୍କୁ କହିଥିଲେ 'ବାପା ମୁଁ କ'ଣ ଛୋଟ ପିଲା ଯେ ତୁମେ ମୋର ମୋବାଇଲ ଫୋନ ନେଇ ଯାଉଛ ? ବାପାଙ୍କ' ଉତ୍ତର ଥିଲା 'ଆରେ ତୁ ଯେତେ ବଡ଼ ହେଲେବି ମୋ' ଠାରୁ ତ' ଆଉ ବଡ଼ ହୋଇ ପାରିବୁ ନାହିଁ ଆଉ କିଛି ଉତ୍ତର ନଦେଇ ଅଶୋକ ଚୁପ ରହିଲେ, ବାପା ରୁମରୁ ଯିବା ପରେ ଆମେ ଦୁହେଁ ଦୁଇଜଣକୁ ଚାହିଁ ରହିଲୁ , ଦୁଇଜଣ ନୀରବ ଆଉ ଗମ୍ଭୀର । ରାତ୍ରି ଭୋଜନଟା ବି ଗମ୍ଭୀର ବାତାବରଣ ଭିତରେ କଟିଗଲା ଯିଏ ଯାହା ରୁମକୁ ଚାଲିଗଲେ, ନିଜର ଭୁଲ ନିଜେ ବୁଝିପାରି ଅଶୋକ ସେଦିନ ରାତିରେ ମୋତେ କ୍ଷମା ମାଗିଥିଲେ 'ମାନିନୀ ସତରେ ମୁଁ ରାଗିଯାଇଥିଲି ଆଉ ତୁମକୁ ଆଘାତ ଦେଇଛି, ପ୍ଲିଜ, ପ୍ଲିଜ ଏ'ସବୁ ଭୁଲିଯାଅ, ଭବିଷ୍ୟତରେ ଏପରି ଭୁଲ ଆଉ ହେବନାହିଁ 'ମୋର ସବୁ ରାଗ, ସବୁ ଅଭିମାନ ପାଣି ଫୋଟକା ପରି ଚାଲିଯାଇଥିଲା, ଯେତେ ହେଲେ ବି ଆମେ ପତିପତ୍ନୀ ଏବଂ ଆମେ ଅନ୍ତରରୁ ଦୁହେଁ ଦୁହିଁଙ୍କୁ ଖୁବ ଭଲ ପାଉ । କଥାରେ ଅଛି 'ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି' ତେଣୁ ଛୋଟ ଛୋଟ କଥାକୁ ଏତେ ଗୁରୁତ୍ୱ ଦେଲେ କ'ଣ ସୁଖୀ ଜୀବନଯାପନ ସମ୍ଭବ ? ମୁଁ ନିଜକୁ ଅନେକଟା ହାଲ୍କା ଅନୁଭବ କରୁଥିଲି, ରୋମାଣ୍ଟିକ ରାତ୍ରିର ରୋମାଞ୍ଚକର ଅନୁଭୂତି ପୁଣି ସେଇ ନବବିବାହିତ ଜୀବନର ସ୍ମୃତିକୁ ପୁନର୍ଜୀବିତ କରୁଥିଲା, ଜୀବନଟା ସତରେ ଖୁବ ବିଚିତ୍ର । କ୍ଷଣ କ୍ଷଣକେ ରଙ୍ଗ ବଦଳାଏ । ଆମେବି ସେଇ ରଙ୍ଗୀନ ଜୀବନର କିଛି ମୁହୂର୍ତ୍ତକୁ ମନଭରି ଉପଭୋଗ କରିଥିଲୁ । ଜୀବନର ସମ୍ପୂର୍ଣ୍ଣ ନିଜସ୍ୱ ବା ପ୍ରାଇଭେଟ ସମୟରେ ମୋବାଇଲର ଉପସ୍ଥିତି ଏବଂ ଅନୁପସ୍ଥିତିର ପାର୍ଥକ୍ୟ ଆମକୁ ବୁଝିବାକୁ ଆଉ ବାକି ରହି ନ'ଥିଲା ଓ ଓଃ ! ଆମର ସେଇ ରାତିଟା କି ଶାନ୍ତିରେ କଟିଛି କେହି କଳ୍ପନା କରିପାରିବେ ନାହିଁ, ନିଦ୍ରାଦେବୀଙ୍କ ଶୀତଳ ଆଲିଙ୍ଗନ ସହିତ କେତେ ଯେ ରଙ୍ଗୀନ ସ୍ୱପ୍ନ ଆମକୁ ଛୁଇଁ ଦେଇ ଯାଇଥିଲା ତାହା ଅବର୍ଣ୍ଣନୀୟ ।

ପରଦିନ ସକାଳେ ଜଳଖିଆ ଦେବା ସମୟରେ ଖିରୀ ଦେଖି ଅଶୋକ ଖୁବ ଖୁସିରେ ଖାଇ କହିଥିଲେ ଏଇଟା ନିଶ୍ଚୟ ମା' ତିଆରି କରିଛି, ଖୁବ ସୁସ୍ୱାଦୁ ହୋଇଛି, ମୁଁ କିଛି ନ' କହି ଚୁପ ଥିଲି ଶାଶୁମା' କହିଲେ 'ନାହିଁରେ ବୋକା ଏଇଟା ମାନିନୀ କରିଛି, ଆହୁରି ଭଲ ଭଲ ଜିନିଷ ସେ ଆଜି ତୋ' ପାଇଁ ଆଉ ତୋ' ବାପାଙ୍କ ପାଇଁ ରାନ୍ଧିବ, ଅଶୋକ କହିଥିଲେ 'ଆରେ ବାଃ ! ମାନିନୀ ତୁମେ ଏତେ ଭଲ ରାନ୍ଧିପର ଏହା ମୁଁ ତ' ଜାଣି ନଥିଲି' ଦିନ ଗୋଟାଏ ସମୟରେ ଡାଇନିଂ ଟେବୁଲରେ ଶ୍ୱଶୁର, ଶାଶୁମା , ଅଶୋକ ବସିଥିଲେ ମୁଁ ଅରୁଆ ଭାତ, ଚିକେନ ତରକାରୀ, ବାଇଗଣ ଭଜା, ଦହି ବାଇଗଣ ଡାଲି, ସାଲାଡ଼, ପାମ୍ପଡ଼ ଆଣି ରଖିଦେଲି । ତିନିଜଣ ଯାକ ନ'ଖାଇ ବସିଛନ୍ତି, କାରଣ କ'ଣ ଜାଣିବାକୁ ଚାହିଁଲି । ଶାଶୁମା କହିଲେ 'ମାନିନୀ ତୁ ନ' ବସିଲେ ଆମେ ଖାଇବୁ ନାହିଁ' କ'ଣ କରିବି ଇଚ୍ଛା ନ'ଥିଲେ ବି ଅଗତ୍ୟା ବସିଲି, ମନ ଭିତରେ ଟିକେ ରାଗ ତ' ରହିଛି ଶାଶୁମା'ଙ୍କ ଉପରେ, ସମସ୍ତେ ଖାଇଲେ ଆଉ ମୋ'ର ରୋଷେଇ ଉପରେ ଭୁରି ଭୁରି ପ୍ରଶଂସା ଉପରେ ପ୍ରଶଂସା, କଥା କ'ଣ ? ମୁଁ କିଛି ବୁଝି ପାରୁନଥିଲି, ସତରେ କ'ଣ ମୋର ରୋଷେଇ ଭଲ ହୋଇଛି ନା' ଅନ୍ୟ କିଛି କାରଣ ? ଶ୍ୱଶୁର ମହାଶୟ କହିବାକୁ ଆରମ୍ଭ କଲେ 'ମା'ରେ ଏହି ସବୁ ଯାହା ନାଟକ ହେଲା ସେ ସବୁର ନିର୍ଦ୍ଦେଶକ ମୁଁ ' ମୋର ଉତ୍ତର ଥିଲା 'ବାପା ଏ ସବୁ କ'ଣ କହୁଛନ୍ତି ଯେ ? ' ହଁ ରେ ମା', ତୋ' ଶାଶୁ ମା' ଏକୁଟିଆ ହୋଇ ଯାଉଛନ୍ତି, ତୁ ତ' ଜାଣୁ ସେ ଟିଭି ଦେଖିବାକୁ ଭଲ ପାଆନ୍ତି ନାହିଁ , ତା'ଙ୍କର ମନରକଥା ହାଲ୍କା କରିବାକୁ ତୁ ଆଉ ଅଶୋକ ଛଡା ଘରେ ଆଉ କିଏ ଅଛି ମା' କହିଲୁ ? ପୁଅ ତ' ଅଫିସ ଯିବ, ତୁ ତ' ଘର ଦ୍ୱାର ସବୁ ଦାୟିତ୍ୱ ନେଇ କାମ କରିବୁ, ଆଉ ଯଦି ଟିକେ ସମୟ ମିଳିଲା ତେବେ ମୋବାଇଲ ନେଇ ବସିବୁ, ମା' ତୁ ଟିକେ ଭାବ ତ' ଆମ ସଂସାରରେ ଆମେ ଚାରି ଜଣ ବ୍ୟକ୍ତି ଅଶୋକ ତା'ର ମୋବାଇଲ ନେଇ ବ୍ୟସ୍ତ, ତୁ ତୋ'ର ମୋବାଇଲ ନେଇ ବ୍ୟସ୍ତ ବିଚାର ମା' କ'ଣ କରିବ ? ଆଜି ଯାଏ ଅଶୋକ ଜଣେ ନାହିଁ ଯେ, ତୁ ଏତେ ସୁନ୍ଦର ରୋଷେଇ କରୁଛୁ, ମୁଁ ଆଉ ଏସବୁ ସହି ନ'ପାରି ତୋ'ର ଶାଶୁମାଙ୍କୁ କହିଥିଲି ତୁମେ ଟିକେ କିଛି ଦିନ ପାଇଁ ମାନିନୀର ମା' ରୁ ଶାଶୁମା' ହୋଇ ଯାଅ ଦେଖିବ ସବୁ ଠିକ ହୋଇଯିବ । ତା' ପରେ ମୁଁ ଅଶୋକର ମୋବାଇଲ ନେଇ ଆସିଲି ଆଉ ତୁମ ଭିତରେ ଥିବା ମୋବାଇଲଫୋନ ଜନିତ ଦୂରତ୍ୱ କମିଗଲା ତୁମେ ଆଜି ସୁଖୀ ଦମ୍ପତି ପରି ମୋର ମନେ ହେଉଛି, ଦୁହେଁ ଦୁଇଜଣକୁ ମନଭରି ଦେଖିଲ ଆଉ ନିଜ ମନର ଗୋପନ ମାନ ଅଭିମାନ ନିଜ ଭିତରେ ବାଣ୍ଟିବାର ସୁଯୋଗ ପାଇଲ, ସ୍ୱାମୀ ସ୍ତ୍ରୀଙ୍କ ଭଲପାଇବା ପିତା ମାତା ସବୁବେଳେ ଚାହାନ୍ତି ଓ ମଧ୍ୟାନ୍ନ ଭୋଜନ ସହିତ ବାପାଙ୍କର ଅନେକ ଉପଦେଶ, ହସ ଖୁଶି ତଥା ସୁଖୀ ଜୀବନର ରହସ୍ୟ ଉପରେ ଆଲୋଚନା ହେଉଥିଲା ।

ବାପା ପୁଣି କହିଚାଲିଲେ, 'ନିଶ୍ଚିତତାକୁ ହାତ ପାଖରେ ଛାଡି ଅନିଶ୍ଚିତତା ପଛରେ ଆଜିର ଦୁନିଆ ଧାବମାନ ତୁମେ ବି ସେଥିରୁ ବାଦ ପଡ଼ିନାହଁ । ହଁ, ଆଉ ଗୋଟିଏ କଥା, ନିର୍ଲଜ ପରି ମୋତେ କହିବାକୁ ପଡୁଛି ଆଉ ସେଇ କଥାଟା ହେଲା ମୁଁ ବୁଢା ହେବା ଆଗରୁ ମୋର ଗୋଟିଏ ନାତି କି ନାତୁଣୀ ଦରକାର, ତେଣୁ ତୁମେ ଜାଣ ତୁମ ମୋବାଇଲ ଜଣେ , ହା, ହା , ହା । ବାପାଙ୍କ କଥା ଶୁଣି ମୋ'ର ମୁହଁ ଲଜ୍ଜାରେ ନାଲି ପଡି ଯାଇଥିଲା, ଅଶୋକ ମୁରୁକି ହସୁଥିଲେ ଆଉ ଶାଶୁମା' ମୋତେ ଚାହିଁଥିଲେ ତା'ଙ୍କର ନୀରବତା ଆଉ ତା'ଙ୍କ ଲୋତକପୂର୍ଣ୍ଣ ଚକ୍ଷୁ ଦୁଇଟି ବୋଧ ହୁଏ କିଛି କହିବାକୁ ଚାହୁଁଥିଲା --ଆରେ ମା' ମୁଁ ତୋ' ମନରେ ଆଘାତ ଦେଇଛି ପାରିଲେ ଭୁଲିଯିବୁ । ଠିକ ଅଛି ମୋବାଇଲ ଖୁବ ଜରୁରୀ, ଆଜିକାଲି ଯୁଗରେ ମୋବାଇଲ ବିନା ଜୀବନଶୈଳୀ ପଛେଇ ଯିବା ସ୍ୱାଭାବିକ କଥା, ତେବେ ଆମେ ଯେତେ ପାରିବା କମ ବ୍ୟବହାର କରିବା ଆଉ ନିଜର ଅତି ନିଜସ୍ୱ /ପ୍ରାଇଭେଟ ସମୟରେ ମୋବାଇଲକୁ ବାଇ ବାଇ କରିଦେବା" ଶ୍ୱଶୁରଙ୍କ କଥା ଶୁଣି ମୋର ଆଖି ଦୁଇଟି ଛଳ ଛଳ ହୋଇଗଲା, ଶାଶୁମାଙ୍କ ଉପରେ ଥିବା ସବୁ ରାଗ ନିମିଷକେ ଉଭେଇ ଗଲା, ମନେ ମନେ ନିଜକୁ ଧିକ୍କାର କଲି ଆହାଃ, କିଛି ନ'ବୁଝି ନ'ସୁଝି ଶାଶୁମା'ଙ୍କ ଉପରେ ମୁଁ କେତେ ରାଗିଛି, ଭଗବାନ ମୋତେ କ୍ଷମା କର, ସେ ମୋର ଶାଶୁମା' ନୁହନ୍ତି ମୋ'ର ଜନ୍ମ କଲା ମା' ଠାରୁ ବି ଅଧିକ ଓ ଉଠିପଡ଼ି ହାତ ଧୋଇ ଦୁଇ ଜଣକୁ ସାଷ୍ଟାଙ୍ଗ ପ୍ରଣିପାତ କରି ନିଜର ଦୋଷ ସୁଧାରିବାକୁ ଶପଥ ନେଲି ଓ ଅଶୋକ ଏବଂ ମୁଁ ଏବେ ସନ୍ଧ୍ୟା ସମୟରେ ଗପସପ କରୁ ମା' ମଧ ଆମ ସହିତ ସାମିଲ ହୁଅନ୍ତି ଆମ ପରିବାର ଏବେ ଖୁବ ଖୁଶିରେ ସମୟ ଅତିବାହିତ କରୁଛୁ । ସୁଖୀ ଜୀବନ ପାଇଁ ଆଉ ଅଧିକ କ'ଣ ଲୋଡ଼ା ? ସ୍ନେହ, ପ୍ରେମ, ବିଶ୍ୱାସ, ଧୀଶକ୍ତି, ପରସ୍ପରକୁ ଅନ୍ତରର ସହ ବୁଝିବା, ଛୋଟ ଛୋଟ କଥାକୁ ନିଜ ଭିତରେ ସମାଧାନ କରିଦେବା ହିଁ ସୁଖୀ ଦାମ୍ପତ୍ୟ ଜୀବନର ରହସ୍ୟ ।

+ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ -୭୫୩୦୦୯
ମୋ: ୯୯୩୭୧୭୪୦୯୭

# ବୋଉ

## ସଦାନନ୍ଦ ପାଣିଗ୍ରାହୀ

ବୋଉ ଯିବାର କୋଡିଏ ବର୍ଷ ହୋଇ ସାରିଥିଲା....

ବୋଉ ସହିତ ବିତାଇ ଥିବା ମୁହୂର୍ତ୍ତ ସବୁ ଝାପସା ଝାପସା ଧୁଆଁଳିଆ ଦେଖାଯାଉଥିଲା । ବୋଉ ଗଲା ବେଳକୁ ମୋତେ ମାତ୍ର ଛ ବର୍ଷ । ବୋଉ କଣ ବୋଲି ଜାଣିବା ଆଗରୁ ବୁଝିବା ଆଗରୁ ବୋଉ ଚାଲି ଯାଇଥିଲା ଏକ ଅଫେରା ରାଇଜକୁ ।

ଯାହା ଛାଡି ଯାଇଥିଲା କିଛି ଅସ୍ପଷ୍ଟ ସ୍ମୃତି.........


ବୋଉ ଅନ୍ତେ ବାପା, ବଡ଼ ନାନୀ, ଛୁଆ ନାନୀ, ନନା, ମାଈଁ, ଏମାନେ ସମସ୍ତେ ମିଶିକରି ମୋତେ ବୋଉର ଅଭାବ ଅନୁଭବ କରିବା ପାଇଁ ଦେଇନାହାଁନ୍ତି । ବାପା ମୋତେ ତାଙ୍କ ଛାତିରୁ କ୍ଷୀର ଖାଇବାକୁ ଦେଇଛନ୍ତି । କ୍ଷୀର ନ ବାହାରିବାରୁ କେତେଥର ତାଙ୍କ ଛାତିକୁ କାମୁଡ଼ି ଦେଇଛି । ଢେର ସାରା ଭଲ ପାଇବା, ଅପର୍ଯ୍ୟାପ୍ତ ସ୍ନେହ ଆଉ ଉପଯୁକ୍ତ ଅନୁଶାସନରେ କଟି ଯାଇଛି ମୋ ପିଲା ବେଳ । ଏଣୁ ମୋ ଜାଗାରେ ଯଦି ଆଉ କେହିଥାଆନ୍ତେ ସେ ଗୋଟାପଣେ ଭୁଲି ସାରନ୍ତାଣି । ମୁଁ କିନ୍ତୁ ଭୁଲିନି ବୋଉକୁ ।

ସତ ସତ କହିବାକୁ ଗଲେ ମୁଁ ତାକୁ ଭୁଲିବାକୁ ଚାହେଁନି । ମୋ ଭିତରେ ତାକୁ ବଞ୍ଚାଇ ରଖିବାକୁ ଅହ ରହ ଅପ୍ରାଣ ଚେଷ୍ଟା କରିଚାଲେ । ମୋ ସାଙ୍ଗ ସାଥି ଚିହ୍ନା ଜଣା ଲୋକ ଚୁପ ଚାପ ହୁଅନ୍ତି । କଣ ମ ଏତେ ଦିନ ହେଲା ମା ମଲାଣି ଏ ଯାଏଁ ଭୁଲିପାରୁନି । କିଏ କିଏ ବିଦ୍ରୁପ କରି କହୁଛନ୍ତି, କିଏ କିଏ ମୁହଁ ମୋଡ଼ନ୍ତି । କେତେ ଜଣଙ୍କ ମଧ୍ୟରେ ଏକୁ ନେଇ ଗୋଟେ ଜୋରଦାର ଚର୍ଚ୍ଚା ଚାଲେ । ହସ ଦୟା ଆଉ ତାତ୍ସଲ୍ୟରେ ଗୋଟେ ମହୋଲ ସୃଷ୍ଟି ହୁଏ । ମୁଁ କିନ୍ତୁ ଚୁପ୍ ଚାପ୍ ରହି ଯାଏ କାହାକୁ ବୁଝାଇ ପାରେ ନା କି ବୋଉ ମୋ ପାଇଁ ଗୋଟେ ପରି ରାଇଜର କାହାଣୀ ପରି, ସେଇ କାହାଣୀ ଭିତରେ ମୁ ନାକ ବନ୍ଦ୍ ହେବା ପର୍ଯ୍ୟନ୍ତ ଲୁହ ଢାଳେ । ଡେରି ରାତି ଯାଏ ବୋଉର କଳ୍ପନାରେ ନିଜକୁ ମସଗୁଲ୍ ରଖେ, କେବେ କେମିତି ଏକୁଟିଆ ବସି କେତେ କଣ ଅବାନ୍ତର କଳ୍ପନା କରେ । ଆମ ଆମ୍ବ ଗଛ ସେପଟୁ ବୋଉ ବାହାରି ଆସିବ, ନ ହେଲେ ପରି ବେଶରେ ଉଡି ଆସିବ ମୋ ପାଖକୁ .... ଏମିତି ସୁନ୍ଦର ସୁନ୍ଦର ଭାବନାରେ ଆଖି ବୁଜି ହୋଇ ଯାଏ ... ବୋଉ ଆସେ ଆଉ ବୋଉ ଥାଏ ଠିକ୍ କୋଡ଼ିଏ ବର୍ଷ ତଳର ଭଳି ବୋଉ...

ମୁଁହରେ କିମ୍ବା ଦେହରେ କୋଉଠି ବି ବୟସର ଛିଟା ଲାଗି ନ ଥାଏ । ସେ ଆଉ ଟିକେ ପାଖକୁ ଆସେ ଧିରେ ଧିରେ ହସେ । ମୁଁ ଖୁସିରେ ଉଲ୍ଲାସି ଉଠେ । ହଠାତ୍ ଆଖି ଖୋଲି ହୋଇ ଯାଏ ମୁ ଚାରି ଆଡ଼େକୁ ଅନାଏ ନିଜ ଉପରେ ଦୟା ଆସେ । ମୁଁ ଜାଣେ ଏ ସବୁ ଅବାନ୍ତର ଆଉ ମୂଲ୍ୟ ହିନ । ହେଲେ କାହିଁକି କେ ଜାଣି ବଡ ହେଲା ପରେ ମଧ ଏହି ଚିରାଚରିତ ଅଭ୍ୟାସକୁ ବଦଳାଇ ପାରୁ ନାହିଁ । ବେଳେ ବେଳେ ଲାଗେ ବୋଉ ଭୂତ ହେଇ ଯାଇଛି ଅନ୍ଧାରରେ ଘୁରି ବୁଲୁଛି ଦିନରେ ବା ଆସିବ କେମିତି, ରାତି ଟିକେ ଅଧିକ ହୋଇ ଗଲେ ମୁଁ ଝରକା ଖୋଲେ ଆଉ ବାହାରକୁ ଦେଖେ । କେବେ କେମିତି ଦୁଆର କବାଟ ଖୋଲିବାକୁ ଭାବିଲେ ମନରେ କେତେ କଣ ଭାବନା ଆସେ ତାହେଲେ ତାକୁ ଦେଖି ମୁଁ ଡରି ଜିବିନି ତ ? ସେ ମୋତେ ଚିହ୍ନି ପାରିବ ତ ? ଏମିତି ଭାବୁ ଭାବୁ ମୁଁ ବାହାରକୁ ଆସେ ବହୁଳ ଅନ୍ଧାର ଭିତରେ ବୋଉକୁ ତମାମ ଖୋଜିଲା ପରେ ଜାଲୁଆ ଯାଲୁଆ ହୋଇ ଆସେ ଆଖି ଛାତି ରୁନ୍ଧି ହୋଇଯାଏ ଲୁହ ସବୁ ନାକ ଦେଇ ପାଟିକୁ ପଶିଯାଏ ପରେ ମୋର ଏଇ ଅସମ୍ଭବ ପ୍ରଚେଷ୍ଟା କ୍ଷାନ୍ତ ହୁଏ । ରୁମ୍‌କୁ ଆସି ବୋଉର କଥା ଭାବି ଭାବି ନିଦ ହୋଇଯାଏ ।

ବୋଉ ଯେ ମୋର ନିଇତି ନିଇତି ମନେ ପଡ଼େ ତା ନୁହଁ । ମୁଁ ତାକୁ ମନେ ପକାଏ । ତାର ସେ ଅଧା ଅଧା ଝାପସା ସ୍ମୃତିକୁ ଉଖାରେ । ମୁଁ ଚାହେଁ ବୋଉର ସ୍ମୃତି ଜୀବନ୍ତ ରହୁ ପ୍ରତି ମୁହୂର୍ତ୍ତରେ । ବୋଉ ପାଇଁ ଜାଣି ଜାଣି ମୁଁ କଷ୍ଟ ପାଏ ହେଲେ ସେ କଷ୍ଟ ମୋତେ ଭଲ ଲାଗେ ଆଉ ମୋ ଦେହରେ ଗୋଟେ ଅଲଗା ଶାନ୍ତି ଦିଏ । ମୋ ମନ ବଳ ବଢି ଯାଏ ଲାଗେ ଯେମିତି ବୋଉ ମୋ ପାଖେ ପାଖେ ଘୂରି ବୁଲୁଛି । ମୋର ସବୁ ବିପଦ ଆପଦରେ ମୋ ପାଖରେ ଅଛି ......

ଅଫିସ୍ ଛୁଟିରେ ଯେବେ ଘରକୁ ଯାଏ ସକାଳୁ ସକାଳୁ ବୋଉର ସ୍ୱର କାନକୁ ଶୁଭେ । ଦୁଃଖୀନି ଉଠି ପଡ଼ ଖରା ଆସି ମୁଣ୍ଡ ଉପରେ ହେଲାଣି ଦାନ୍ତ ଘଷି କଣ ଦିଟା ଖାଇ ଦେ । ବାପାଙ୍କ କଥାରେ ମୁଁ ମୁଁହ କାଢି ତାଙ୍କୁ ଚାହେଁ ମୋ ଦେବପ୍ରତିମ ବାପାଙ୍କ ତେଜସ୍ୱଦ ସେହି ମୁହଁରେ ବୋଉ ଅଳ୍ପ ଅଳ୍ପ ହସୁ ଥାଏ.......।



+ସିମୁଳିଆ, ବାଲେଶ୍ୱର

## ଟ୍ରେନରେ କଟି ଅଜଣା ଯୁବକଙ୍କ ମୃତ୍ୟୁ

ବସ୍ତା, ୨/୦୪ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ରୂପସା ରେଳ ଷ୍ଟେସନ ନିକଟରେ ଶନିବାର ଟ୍ରେନ ଧକ୍କାରେ ଜଣେ ଅଜଣା ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ପରିଚୟ ମିଳିନାହିଁ । ତାଙ୍କର ବୟସ ୩୫ ରୁ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଜନଶତାବ୍ଦୀ ଏକ୍ସପ୍ରେସ ଟ୍ରେନ ଧକ୍କାରେ ୧ ନଂ ପ୍ଲାଟଫର୍ମ ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ବାଲେଶ୍ୱର ଜିଆରପି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି ।ଏ ନେଇ ୨୭/୨୩ ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜିଆରପି ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

## ବେଆଇନ କରତକଳକୁ ଜବତ୍ କଲା ବନବିଭାଗ

ଜଳେଶ୍ୱର , ୨/୦୪ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ରେଞ୍ଜ ବନବିଭାଗ ଅଧିନରେ କେତେକ ସ୍ଥାନରେ ବେଆଇନ୍ କରତକଳ ଚାଲୁଥିବାର ଖବର ପାଇ ଆଜି ରେଞ୍ଜର ଜୟଶ୍ରୀ ମୁର୍ମୁଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା । ଜଳେଶ୍ୱର ବ୍ଲକର ରାୟାଁରାମଚନ୍ଦ୍ରପୁର ଓ ପର୍ଶ୍ଚିମବାର୍ଡ ପଂଚାୟତର କଣ୍ଟାପାଳରେ ଥିବା ୨ଟି ବେଆଇନ୍ କରତକଳକୁ ସିଜ କରି ତାର ଯନ୍ତ୍ରାଂଶକୁ ନେଇ ଯାଇଛନ୍ତି । ସେଠାରେ ଥିବା ମୂଲ୍ୟବାନ କାଠକୁ ମଧ୍ୟ ତବତ୍ କରାଯାଇଛି । ଏହି ଚଢାଉରେ ବନପାଳ ଦେବରାଜ ରାଉତ ଓ ଅନ୍ୟକେତେକ କର୍ମଚାରୀ ସାମିଲ ଥିଲେ ।

## ମା’ ଗଭେଇ ଦେବୀଙ୍କ ଦ୍ୱାଦଶ ସାମ୍ବତ୍ସରିକ ଉତ୍ସବ

ଭଦ୍ରକ, ୨/୦୪ (ନି.ପ୍ର): ଭଦ୍ରକ ଗବସାହି ସ୍ଥିତ ମା’ ଗଭେଇ ଠାକୁରାଣୀଙ୍କ ଦ୍ୱାଦଶ ସାମ୍ବତ୍ସରିକ ଉତ୍ସବ ପାଳିତ ହୋଇ ଯାଇଛି । ସକାଳେ ମଙ୍ଗଳାଧିବାସ କରାଯିବା ସହିତ ଦେବୀଙ୍କ ଷୋଡ଼ଶୋପଚାର ପୂଜା, ସପ୍ତଶତୀ ଚଣ୍ଡୀପାଠ, ଯଜ୍ଞାହୁତି ଏବଂ ଅନ୍ୟାନ୍ୟ ବୈଦିକ କର୍ମ ସମ୍ପନ୍ନ କରାଯାଇଥିଲା । ଗ୍ରାମର ଶତାଧିକ ମହିଳା ମାନସିକଧାରୀ ସେମାନଙ୍କ ପୂଜା ନେଇ ଠାକୁରାଣୀଙ୍କ ପାଖରେ ଭୋଗଲାଗି କରାଇଥିଲେ । ପୁଷ୍ପାଞ୍ଜଳି ଦେଇ ଠାକୁରାଣୀଙ୍କୁ ପୂଜା କରିଥିଲେ । ପରେ ପ୍ରସାଦ ସେବନରେ ଗ୍ରାମବାସୀଙ୍କ ସମେତ ସହସ୍ରାଧିକ ଲୋକେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ସାହାପୁର, ଗବସାହିର ଗ୍ରାମବାସୀ ପରିଚାଳନା କରିଥିଲେ ।

# ଉଦଳାଠାରେ ୮୮ ତମ ଓଡ଼ିଶା ଦିବସ ପାଳିତ




ଉଦଳା , ୨/୦୪ (ନି.ପ୍ର): କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ଠାରେ ଉପଖଣ୍ଡ ସ୍ତରୀୟ ଓଡ଼ିଶା ଦିବସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ପ୍ରଭାତରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଡ଼ାକବାଜି ଯନ୍ତ୍ର ଦ୍ୱାରା ସହର ମଧ୍ୟରେ ’ବନ୍ଦେ ଉତ୍କଳ ଜନନୀ...’ ସଂଗୀତ ପରିବେଷିତ ହୋଇଥିଲା । ଏହାପରେ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ସାମ୍ବାଦିକ ଓ ବିଦ୍ୟାଳୟର ପିଲାମାନେ ମିଳିମିଶି ସହର ମଧ୍ୟରେ ଥିବା ଉତ୍କଳମଣୀ ଗୋପବନ୍ଧୁ , ଉତ୍କଳ ଗୌରବ ମଧୁସୂଦନ ଓ ବିର ବୀର୍ସାମୁଣ୍ଡାଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଉଦଳା ପଂଚାୟତ ସମିତି କାର୍ଯ୍ୟାଳୟର ବୈଠକ ଗୃହ ପରିସରରେ ସମସ୍ତେ ଏକ ସାଧାରଣ ସଭାରେ ଏକତ୍ରୀତ ହୋଇଥିଲେ । ଉକ୍ତ ସଭାରେ ଉପଜିଲ୍ଲାପାଳ ସୁଶା‘ କୁମାର ବାରିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ, ଭାଷାକୁ ଭିତି କରି ସ୍ୱତନ୍ତ୍ର ପ୍ରଦେଶ ଗଠନରେ ସମଗ୍ର ଭାରତ ବର୍ଷରେ ଓଡ଼ିଶା ପ୍ରଥମ ରାଜ୍ୟ ଅଟେ । ସେଥିପାଇଁ ଆମେ ଓଡ଼ିଆ ମାନେ ନିଜକୁ ଗର୍ବ ଅନୁଭବ କରୁ ବୋଲି ବ୍ୟକ୍ତ କରିଥିଲେ । ସେହିପରି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଓଡ଼ିଆ ଭାଷା ଓ ସଂସ୍କୃତି ଭିତରେ ସାଶ୍ୱତ ଚେତନା କିପରି ସ୍ୱତଃ ଅନୁଭୂତ ହୁଏ ବିସ୍ତୃତ ବର୍ଣ୍ଣନା କରିବା ସହ ଓଡ଼ିଆ ଭାଷା ଓ ଲିପିର ବହୁଳ ବ୍ୟବହାର ପାଇଁ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ । ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ ଓ ଉଦଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଯାନୀ ଭୂୟାଁ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଢ଼ି ତୋଳିବାରେ ମୟୂରଭ ମହାରାଜା ଶ୍ରୀ ରାମଚନ୍ଦ୍ର ଭଦେଓଙ୍କ ଅବଦାନ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସହକାରୀ ଜିଲ୍ଲାପାଳ ମନୋଜ ସାହୁ, ମଙ୍ଗଳ ଅଧିକାରୀ ସାଉନା ମାଝୀ, ଉଦଳା ପଂଚାୟତ ସମିତି ଅଧକ୍ଷା ମୁଲତା ବିଶ୍ୱାଳ ପ୍ରମୁଖ ଅଂଶ ଗ୍ରହଣ କରି ଓଡ଼ିଶାର ବରପୁତ୍ର ମାନଙ୍କର ତ୍ୟାଗ ଓ ତପସ୍ୟାର ଫଳ ସ୍ୱରୂପ ଆଜି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଛି, ଏହାର ଉନ୍ନତି ପାଇଁ ଆମେ ସମସ୍ତେ ମିଳିତ ଭାବରେ ଉଦ୍ୟମ କରିବାର ଆବଶ୍ୟକତା ରହିଛି ବୋଲି ବ୍ୟକ୍ତ କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମୁରଲିଧର ଚାନ୍ଦ ମଂଚଞ୍ଚ ପରିଚାଳନା କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ ଦେଇଥିଲେ ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ୮୮ ତମ ଉତ୍କଳ ଦିବସ ପାଳିତ




ବାଲିଆପାଳ, ୨/୦୪ (ନି.ପ୍ର): ସମାତୃଭୂମୀ ଓ ମାତୃଭାଷାର ବିକାଶ ଏବଂ ସମୃଦ୍ଧି ପାଇଁ ପ୍ରତିଟି ସ୍ତରରୁ ଉଦ୍ୟମ ଆବଶ୍ୟକ ବୋଲି ଆଜି ବାଲିଆପାଳ ପାରୁଳିଆଛକସ୍ଥିତ ଶ୍ରୀଦୁର୍ଗା କଲ୍ୟାଣ ମଣ୍ଡପରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଆୟୋଜିତ ୮୮ ତମ ଉତ୍କଳ ଦିବସ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତି ମାନେ ମତବ୍ୟକ୍ତ କରିଥିଲେ । ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖାର ସଭାପତି ପ୍ରାଧପକ କୁଞ୍ଜକାନ୍ତ ପାତ୍ର ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଡି ମହିଳା ରାଜ୍ୟକାରିଣୀ ସଭାନେତ୍ରୀ ସୁବାସିନୀ ଜେନା,ମୁଖ୍ୟବକ୍ତା ଭାବେ ଓଡିସା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳିପଦ ପଣ୍ଡା ସମ୍ମାନୀତ ଅତିଥି ଭାବେ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ଅଧାପକ ଦୟାନିଧି ସାହୁ, ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକାରୀ ସଭାପତି ଝାଡେଶ୍ୱର ପ୍ରଧାନ ମ ସଂଚାଳନା କରିଥିଲାବେଳେ ସଂପାଦକ ସନ୍ୟାସୀ ବେହେରା ସଂପାଦକୀୟ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧକ୍ଷ ଡ. ବିଜୟ ଦେ, ମିଡିଆଫୋରମର ସଭାପତି ପ୍ରତାପ କୁମାର ପାତ୍ର, ବାଘାଯତିନ ସ୍ମୃତି ପରିଷଦର ଆବାହକ ଅରବିନ୍ଦ ବେହେରା, ଅମୂଲ୍ୟ ଘରାଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ,କବି ବିଜୟ ପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ବୀରମାଧବ ଦାସ, ବିଷ୍ଣୁପ୍ରିୟା ମହାପାତ୍ର, ଶରିତା ମହାନ୍ତି, ମନ୍ମଥ ସାହୁ, ଡ. ବଙ୍କିମଚନ୍ଦ୍ର ଜେନା ,ମନ୍ମଥ ପାତ୍ର,ପ୍ରଫୁଲ୍ଲ କୁମାର ପାତ୍ର,ଡ, ରଶ୍ମିତା ପାଣିଗ୍ରାହୀ,ଭୀମ ଚରଣ ବେହେରା ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଶ୍ରୀହରି ମଣ୍ଡଳ ଧନ୍ୟବାଦ ପ୍ରଦାନ କରିଥିଲେ ।

# କେନ୍ଦ୍ରୀୟ ବିଦ୍ୟାୟଳର ଜି-୨୦ ଜନ ଭାଗିଦାରୀ ପ୍ରଭାତଫେରୀ




ଭଦ୍ରକ , ୨/୦୪ (ନି.ପ୍ର): ଭାରତ ସରକାରଙ୍କ ନିର୍ଦ୍ଦେଶାନୁସାରେ କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ ତରଫରୁ ପ୍ରାଧାପକ, ଛାତ୍ର ଛାତ୍ରୀ ଓ ଅଧାପକ ଅଧାପିକାଙ୍କ ଦ୍ୱାରା ଏକ ପ୍ରଭାତଫେରୀ ଆୟୋଜିତ ହୋଇଥିଲା । ଏହି ପ୍ରଭାତଫେରୀ ବିଦ୍ୟାଳୟରୁ ଆରମ୍ଭ ହୋଇ ନିକଟସ୍ଥ କୋରକୋରା ଗ୍ରାମ ପରିକ୍ରମା କରି ସ୍ଥାନୀୟ ଜନସାଧାରଣ ଜି ୨୦ ସମ୍ମିଳନୀର ମହତ୍ୱ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଅବଗତ କରାଯାଇଥିଲା । ଏହି ପ୍ରଭାତଫେରୀ ଜି ୨୦ ସମ୍ବନ୍ଧୀତ ବିଭିନ୍ନ ବ୍ୟାନ୍ନର, ପୋଷ୍ଟର ଓ ସ୍ଲୋଗାନ୍ ଆଦି ପ୍ରଦର୍ଶିତ ହୋଇଥିଲା । ବିଦ୍ୟାଳୟର ପ୍ରାତଃକାଳୀନ ସଭାରେ ପ୍ରାଚାର୍ଯ୍ୟ ଶ୍ରୀମତୀ ସୁଜାତା ମିଶ୍ର ଜି ୨୦ ଜନ ଭାଗିଦାରିର ମହତ୍ୱ ସମ୍ବନ୍ଧରେ ଅଭିଭାଷଣ ଦେଇଥିଲେ ।

ଏତଦ୍‌ବ୍ୟତିତ ବିଦ୍ୟାଳୟ ପ୍ରାଙ୍ଗଣରେ ଉତ୍କଳ ଦିବସ ମହାସମାରୋହ ପାଳିତ ହୋଇଯାଇଛି । ଇତ୍ୟଅବସରରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଉତ୍କଳ ସଂଗୀତ, ବନ୍ଦେ ଉତ୍କଳ ଜନନୀ ଏବଂ ଓଡ଼ିଶାର ଭାଷା, କଳା ଓ ସଂସ୍କୃତି ଉପରେ ଆଧାରିତ ସମୂହ ନୃତ୍ୟ ପରିବେଷଣ କରାଯାଇଛି । ବିଦ୍ୟାଳୟର ନବମଶ୍ରେଣୀ ଛାତ୍ରୀ ତନୁଶ୍ରୀ ବନ୍ଦନା ରାଉତଙ୍କ ଦ୍ୱାରା ଉତ୍କଳ ଦିବସ ଉପରେ ବକ୍ତୃତା ପ୍ରଦାନ କରିଥିଲେ । ଅବଶେଷରେ ବିଦ୍ୟାଳୟରେ ପ୍ରାଚାର୍ଯ୍ୟ ଶ୍ରୀମତୀ ସୁଜାତା ମିଶ୍ରଙ୍କ ଉତ୍କଳ ଦିବସରେ ଅଭିଭାଷଣ କରାଯାଇଥିଲା । ପରିଶେଷରେ ପ୍ରାଚାର୍ଯ୍ୟ ଧନ୍ୟବାଦ ଏବଂ ଉଜ୍ଜାପନୀ ଅଭିଭାଷଣ ପୁର୍ବକ ପ୍ରାତଃକାଳୀନ ସଭାସାଙ୍ଗ ହୋଇଥିଲା ।

# ଉପଖଣ୍ଡସ୍ତରୀୟ ୮୮ତମ ସ୍ୱତନ୍ତ୍ର ଉତ୍କଳ ଦିବସ ପାଳିତ



ନୀଳଗିରି , ୨/୦୪ (ନି.ପ୍ର): ନୀଳଗିରି ସଦର ମହକୁମାରେ ୮୮ତମ ଉପଖଣ୍ଡସ୍ତରୀୟ ସ୍ୱତନ୍ତ୍ର ଉତ୍କଳଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଐତିହାସିକ ପବିତ୍ର ଦିବସ ଅବସରରେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ପ୍ରତ୍ୟୁଷ ୪.୩୦ମି. ସମୟରେ ସହରାଂଚଳରେ ଦେଶାତ୍ମବୋଧକ ସଂଗୀତ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଥିଲା । ପରେ ଏନ.ଏ.ସି. ଅନ୍ତର୍ଗତ ଅଧିକାଂଶ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ରଭାତଫେରୀ ସାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସମ୍ମିଳିତ ହୋଇଥିଲେ । ଦିବସର ମୁଖ୍ୟ ଅତିଥି ନୀଳଗିରିର ମାନ୍ୟବର ବିଧାୟକ ଇଂ.ସୁକାନ୍ତ କୁମାର ନାୟକ , ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିବା ବେଳେ ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଧୁବାବୁଙ୍କ ପ୍ରତିମୂର୍ତିରେ ମଧ ମାଲ୍ୟାର୍ପଣ କରିଥିଲେ । ପରେ ନୀଳଗିରି ଗୋପବନ୍ଧୁ ଛାତ୍ରାବାସରେ ମଧ ଅତିଥିମାନେ ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ କେ.ସି. ହାଇସ୍କୁଲ ପରିସରରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀ ଏବଂ ଓଡ଼ିଶାର ଅନ୍ୟାନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ପରେ ଛାତ୍ରଛାତ୍ରୀମାନେ ରାଜ୍ୟ ସରକାରଙ୍କ ଅନୁମୋଦିତ “ଉତ୍କଳ ବନ୍ଦନା” ଗାଇବା ପରେ ଏକ ସଭାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ସାଧାରଣ ସଭାରେ ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥିମାନ୍ୟବର ବିଧାୟକ ଇଂ. ସୁକାନ୍ତ ନାୟକ ଓଡ଼ିଶା ଭାଷାଭିତିକ ରାଜ୍ୟଗଠନ ହେବାର ମୁଖ୍ୟ ପୁରୋଧାମାନଙ୍କ ତ୍ୟାଗପୁତ ଜୀବନୀ ଏବଂ ସଫଳତା ସହିତ କର୍ତବ୍ୟବଦ୍ଧତା ଉପରେ ବିଶେଷ ଆଲୋକପାତ କରିଥିଲେ । ଏହି ପବିତ୍ର ଦିବସକୁ ସ୍ମରଣ କରିବା ସଂଗେ ସଂଗେ ନିଜ ଦେଶ ପାଇଁ ନିଜ ଜାତିର ଗୌରବର ଅକ୍ଷୁର୍ଣ୍ଣ ରଖିବା ପାଇଁ ଶପଥ ନେବା ପାଇଁ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପରିଶେଷରେ ମୁଖ୍ୟ ଅତିଥି ସମେତ ସମସ୍ତ ଅତିଥି , ସମ୍ମାନିତ ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତପ୍ରଦାନ କରିଥିଲେ । ଏହି ଦିବସବ୍ୟାପୀ କାର୍ଯ୍ରକ୍ରମକୁ ସୂଚନା ଓ ଲୋକସଂପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ସଂଯୋଜନା କରିଥିବା ବେଳେ ଏହି ଦିବସକୁ ସଫଳ କରିଥିବା ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ, ଉପାଧକ୍ଷା ମହେନ୍ଦ୍ରନାଥ ବେହେରା, କେ.ସି.ହାଇସ୍କୁଲର ପ୍ରଧାନଶିକ୍ଷକ ଭୀମସେନ ବିଶ୍ୱାଳ, ବିଭିନ୍ନ ବିଭାଗୀୟ ପଦାଧିକାରୀ, ବୁଦ୍ଧିଜୀବୀ, ଆଇନଜୀବୀ, ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନର କର୍ମକର୍ତା, ଛାତ୍ରଛାତ୍ରୀ, ଲୋକପ୍ରତିନିଧି, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିବାରୁ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଶ୍ରୀ ବିଶ୍ୱାଳ ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

# ମା ତାରିଣୀ ଜୁୟେଲାର୍ସରୁ ଲକ୍ଷାଧିକ ଟଙ୍କାର ଗହଣା ଚୋରୀ

ଜଳେଶ୍ୱର ୧/୪(ନିପ୍ର) : ଜଳେଶ୍ୱର ନୂଆବଜାର ଛକସ୍ଥିତ ମା ତାରିଣୀ ଜୁୟେଲାର୍ସରୁ ଗତ ବିଳମ୍ବିତ ରାତିରେ ଗ୍ରୀଲ ଓ ସଟର କାଟି ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ଚୋରୀ ହୋଇ ଯାଇଛି । ଆଜି ଭୋର ଘରମାଲିକ ଲକ୍ଷ୍ମୀଧର ଜେନା ଗହଣ ଦୋନାକର ୪ଟି ତାଲା ଭଂଗାଯାଇଥିବା ଦେଖି ଦୋକାନ ମାଲିକଙ୍କୁ ଖବର ଦେଇଥିଲେ । ଚୋରୀ ହୋଇଥିବା ଅଳଙ୍କାରର ମୂଲ୍ୟ ୭/୮ଲକ୍ଷ ଟଙ୍କା ହେବ ବୋଲି ଦୋକାନ ମାଲିକ ଅଜୟ କାମିଳା କହିଛନ୍ତି । ଘଟଣାସ୍ଥଳରେ ଏସ୍‌ଡିପିଓ ଦିଲ୍ଲିପ ସାହୁଙ୍କ ନେତୃତ୍ୱରେ ଏସ୍‌ଆଇ ସନାତନ ବିଶ୍ୱାଳ, ଚିରଞ୍ଜିବି ରାଉତ, ଭୂବନ ମୋହନ ସେଠୀ, ନିଗମାନନ୍ଦ ମହାଳିକ, ଫଂକଜ ପ୍ରଧାନ, ଫଂକଜ ପାଢୀ ପ୍ରମୁଖ ପହଞ୍ଚି ତଦନ୍ତ ଚଳାଇଛନ୍ତି । ପରେ ସନ୍ଧାନୀ କୁକୁର ଦ୍ୱାରା ପୁଲିସ୍ ବିଭିନ୍ନ ସ୍ଥାନରେ ଛାନଭିନ କରୁଥିବା କଣାଯାଇଛି । ପ୍ରକାଶଯୋଗ୍ୟ ଅତୀତରେ ୟାମା ସୋରୁମ୍, ଆମ୍ବଳିଅଠା ଛକ, ସ୍ଥାନୀୟ ବ୍ୟାଙ୍କ ଇତ୍ୟାଦିରୁ ଲୁଟ ଡକାୟତି ହୋଇଥିବା ବେଳେ ଅଦ୍ୟାବଧି ପୁଲିସ୍ ତାର ସୁରାକ ପାଇନାହିଁ ।

# ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ ପାଳିତ

## ଓଡିଶା ପ୍ରଗତିରେ ଆଞ୍ଚଳିକ ବାଦ ପ୍ରତିବନ୍ଧକ : ଅଖଣ୍ଡ ଓଡିଶା ଲାଗି ଆହ୍ୱାନ




ଜଳେଶ୍ୱର ୧/୪(ନିପ୍ର) : ବହୁବର୍ଷ ଧରି ଓଡିଶାରେ ରାଜରାଜୁଡା ଓ ଫିରିଙ୍ଗି ଶାସନ କବଳିତପରେ ବହୁ ପ୍ରଚେଷ୍ଟା, ରକ୍ତକ୍ଷୟ ପରେ ଓଡିଶା ଭାଷା ଭିର୍ତ୍ତିକ ରାଜ୍ୟଭାବେ ଦେଶରେ ସ୍ୱୀକୃତିଲାଭ କରିଛି । କିନ୍ତୁ ଏବେ ପଡୋଶୀ ରାଜ୍ୟର ଲଲୋପଦୃଷ୍ଟି ଓ ଆଞ୍ଚଳିକବାଦ ବୃଦ୍ଧି ପାଉଥିବାରୁ ଅଖଣ୍ଡ ଓଡିଶା ପ୍ରତି ବିପଦ ଘନାଉଛି । ଉତ୍କଳ ଦିବସ ଅବସରରେ ପ୍ରତ୍ୟେକେ ଏକତା ଓ ଅଖଣ୍ଡତା ପ୍ରତି ସଚେତନା ହେବା ଉଚିତ ବୋଲି ଜଳେଶ୍ୱରର ବିଭିନ୍ନ ସଭାରେ ମତପ୍ରକାଶ ପାଇଛି ।

ଉତ୍କଳ ସମ୍ମିଳନୀ ଓ ବାଗିଶ୍ୱରୀ ସଂସ୍କୃତ ବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ସଂଗନର ସ୍ଥାୟୀ ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ଅଧ୍ୟାପକ ଡ. କୃଷ୍ଣ କେଶବ ଷଡଙ୍ଗୀ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ଆଂଚଳିକବାଦ ମୁଣ୍ଡ ଟେକୁଥିବାରୁ ଏହା ଓଡିଶା ପ୍ରତି ଶୁଭଙ୍କର ନୁହେଁ ବରଂ ଅଖଣ୍ଡ ଓଡିଶା ଲାଗି ପ୍ରତ୍ୟେକେ ଚେଷ୍ଟିତ ହେବା ଉଚିତ୍ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ କଲେଜ ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଯୋଗ ଦେଇ ମୁଁ ଜଣେ ଓଡିଆ ବୋଲି ଗର୍ବ କରିବାଲାଗି ମା ଓ ମାଟିକୁ ସମ୍ମାନ ଦେବା ଉଚିତ୍ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ତମ୍ଭକାର ସୁଦର୍ଶନ ଦାସ, ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଂପାଦକ କମଳ ଚକ୍ରବର୍ତ୍ତୀ, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ସରପଂଚ ତପନୀ ଭୂୟାଁ, ସମିତି ସଦସ୍ୟା ମଧୁସ୍ମିତା ମହାନ୍ତି, ସୁନିଲ କୁମାର ନାୟକ, ଡ. ଅଜିତ୍ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଓ ନୃତ୍ୟଶିଳ୍ପୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଦିନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ଦୀନକୃଷ୍ଣଙ୍କ ଜନ୍ମପୀଠ ମୁଣ୍ଡୁତୁଣିଆଠାରେ ଅନ୍ୟଏକ ଆୟୋଜିତ ସଭାରେ ବ୍ରଜେନ୍ଦ୍ର ଗିରି ସଭାପତିତ୍ୱ କରିଥିଲେ । ଓଡିଶା ଅଭିଲେଖାଗାରର ବରିଷ୍ଠ କର୍ମକର୍ତ୍ତା ଡ. ସତ୍ୟନାରାୟଣ ମିଶ୍ର ଯୋଗ ଦେଇ ଭାଷା ଭିତ୍ତିକ ଓଡିଶାର ସମ୍ମାନ ଓ ସମୃଦ୍ଧିଲାଗି ପ୍ରତ୍ୟେକେ ଚେଷ୍ଟିତ ହେବା ଉଚିତ୍ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ଶରତ ଚନ୍ଦ୍ର ପରିଡା, ହରେକୃଷ୍ଣ ସାହୁ, ଜଗଦୀଶ ସାହୁ, ବସନ୍ତ ଦାସ, ରଂଜନ ଘୋଷ, ଯଦୁନାଥ ସିଂ, ଦିବାକର ଡଣିକ, ଡ. ଅଜିତ୍ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଡ. ମିଶ୍ର, ବିଶ୍ୱାର ସଂପାଦକ ସଂଗ୍ରାମ କେଶରୀ ପରିଡା, ପ୍ରଫୁଲ୍ଲ ସାହୁ ଓ ନୃତ୍ୟରତା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ସଭାରେ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ । ଏଥିରେ ବନମାଳୀ ଧଳ, ଆଦିତ୍ୟ ନାରାୟଣ ପାତ୍ର, ସତ୍ୟନାରାୟଣ ଦାସ, ରବିନାରାୟଣ ପାତ୍ର, ଶରତ ପରିଡା, ଗିରିଜା ଶଂକର ମହାନ୍ତି, ରବିନ୍ଦ୍ର ପାତ୍ର, ଏସ୍‌କେ ସବିର, ଅନ୍ୱେଷା ସ୍ୱରାଜ, ମହେଶ୍ୱର ବଡୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।

# କାଇପଦର ବାଦିପାଲା ୨୦୨୩ ଆରମ୍ଭ

ଖୋର୍ଦ୍ଧା , ୨/୦୪ (ନି.ପ୍ର): ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ବ୍ଲକ ଗଡ଼ କାଇପଦର ବାଦପାଲା, ଅଧିବାସ ଓ ଶ୍ରୀ ଶ୍ରୀ ସତ୍ୟ ନାରାୟଣ ଦେବଙ୍କ ଶୁଭ ଜନ୍ମ ଉତ୍ସବ ଯଜ୍ଞ ପୂଜାଅର୍ଜନା, ଆଳତୀ, ପୁଷ୍ପାଞ୍ଜଳି ସଂଧ୍ୟା ୬ଘଟିକା କରାଯାଇଅଛି । ଏହି ସ୍ଥାୟୀ ମନ୍ଦୀର ଓ କଳା ।ମୁଗୁନି ପଥର ପ୍ରାୟ ୩ ଫୁଟ ନାରାୟଣ ମୃଣୟଳମୂର୍ତ୍ତି ପୁଜା ପାଉଛନ୍ତି । ଉକ୍ତ ମନ୍ଦୀର କାଇପଦର୍ ଗ୍ରାମ ବିଶିଷ୍ଟ ବେକ୍ତି, ପାଲା କମିଟି ପୂର୍ବତନ ସଭାପତି । ସ୍ୱର୍ଗତ ଅପର୍ତି ମଙ୍ଗରାଜ ସ୍ମୃତିରେ ତାଙ୍କ ଭାଇ ବର୍ତମାନ ସାମ୍ବାଦିକ ଓ ପୂର୍ବତନ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଚିକିତ୍ସ, ପର୍ଯ୍ୟବେକ୍ଷକ , ଓ କାଇପଦର ବବା ସତ୍ୟପୀର ବିକାଶ ମଞ୍ଚର ଆବାହକ ଏହି ମନ୍ଦୀର କରି ସତ୍ୟ ନାରାୟେଣ୍ ପ୍ରତିଷ୍ଠା କରି, ବଡଭାଇ ଇଛା ପୁରଣ କରିଥଲେ । ଏହି ମନ୍ଦୀର ଓ ଠାକୁର କାଇପଦର ଗ୍ରାମବାସୀ ହେଉଛନ୍ତି ମୂରବୀ ଓ ତାଙ୍କ ମାନଂକ କର କମଳରେ ପରିଚାଳିତ । କେବଳ ଅଧିବାସ ଓ ଜନ୍ମ ପାଲା ଇଶ୍ୱର ମଙ୍ଗାରଜ୍ ଓ ତାଙ୍କ ସହଧର୍ମଣୀ ପୁରୁନ୍ଧା ହୋଇ ବସି କୁଳ ପୁରୋହିତ ସମ୍ମାନୀୟ ଶ୍ରୀଯୁକ୍ତ ରବୀନ୍ଦ୍ର ମିଶ୍ର ଦ୍ୱାରା ପୁଜା କରାଯାଇ ଅଧିବାସ ପାଲା ଆରମ୍ଭ ହୋଇଯାଇଛି । ତା ୧.୪.୨୦୨୩ ରିଖ ଠାରୁ ଗ୍ରାମବାସୀ ବାଦ ପାଲା କରି ଚାଲିବେ ତତ୍୫. ୦୪. ୨୦୨୩ରିଖ ପର୍ଯ୍ୟନ୍ତ । ଏହା କାଇପଦର୍ ଗ୍ରାମର ପୂର୍ବ ସଂସ୍କୃତି ପରମ୍ପରା । ୧୮୭୧ ମସିହା ବର୍ତମାନ ୧୫୧ ବର୍ଷ ପୂରଣ କରୁଛି । ଓଡ଼ିଶାର ପୂର୍ବ ପାଲା ସ୍ଥଳ ଓ ଦ୍ୱିତୀୟ ଦୋଳ ବେଦୀ । ଅଭିଭକ୍ତ । ପୁରୀ ଜିଲ୍ଲାର କାଇପଦର ଖୋର୍ଦ୍ଧା ରାଜାଙ୍କ ଗଡ ଓ ପାଇକ ମାନକ ମେଳି ସଂସ୍କୃତି ବଞ୍ଚି ରଖିଛି । ଏହି ପାଲା ହିନ୍ଦୁ ମୁସଲମାନ ସବୁ ଜାତିର ଏକତା ବଜାଇ ରଖିଛି । ଉକ୍ତ ଗ୍ରାମରେ ବାବା ସତ୍ୟ ପୀର ପୀଠ ( ବାବା ବୁଖାରି ମନ୍ଦୀର ତାଜମହଲ ନିର୍ମାଣ ସତୃଷ୍ପି ।ଏହି ଯାଗା ଅପୂର୍ବ ପୀଠ ଓ ମନ୍ଦୀର ମାଳିନ ଗ୍ରାମ । ଏଠୀ ହର ଓ ହରୀ ସମ୍ମୁଖ ମନ୍ଦୀର ଅଛି । ଏପରି ଓଡ଼ିଶାରେ କେଉଁଠି ଦେଖିବାକୁ ମିଳିବ ନାହିଁ ବୋଲି ଆସା ଓ ବିଶ୍ୱାସ ଅଛି । ଏବେ କାଇପଦର ଗ୍ରାମ ଯୁବକ ନରେନ୍ଦ୍ର ଜେନା, ବିପିନି ରଣସିଂହ, ରଜପାତ୍ର, ବିଜୁ ଅରିସଲ , ରିସଲ,, ବଂଶଜ ରବି ରାଉତରାୟ, ଗୋବିନ୍ଦ ବେହେରା, ଯୋଗିନ୍ଦ୍ର ବାହୁବଲେନ୍ଦ୍ର, ଭଗି ବେହେରା,ରାଧୁ ପାଇକରାୟ, ବାଙ୍କ । ପାଇକରାୟ, ବିକଳ ଗଜେନ୍ଦ୍ର, ହାଡୁ ବାନ୍ଧୁ ବାରିକ, ବାବୁଲି ଖାନ, ସେକ ଉମର, ଝଜ ସାମନ୍ତରାୟ, ରଜନିରାଉତାୟ , ଭିକାରୀ ରାଉତରାୟ,ମଧୁ ପାଇକରାୟ, ଧନୁ ଶ୍ରୀଚନ୍ଦନ, ବାପି ଚମ୍ପତି, ଯୋଗୀ ବହୁ ବକେନ୍ଦ୍ର ଓଗର ଗ୍ରାମ ବାସୀ ସମସ୍ତ ଙ୍କ ସହ ଜୋଗ, ଚାନ୍ଦା, ଭେଦା ଦେଇ ସହଯୋଗ ଆଜି ପର୍ଜନ୍ତ୍ ଚାଲିଛି ଓ ଚାଲିବ । କାଇପଦର ଗ୍ରାମର ଦୃଢକ୍ତି । ଶ୍ରୀ ଶ୍ରୀ ସତ୍ୟ ନାରାୟଣ ଓ କାଇପଦର୍ ସତ୍ୟପୀର ବାବାଙ୍କ ଆଶ୍ରିବଦ ଅଛି ଓ ରହିବ । ଖୋର୍ଦ୍ଧା ଜିଲ୍ଲାପାଳ କେ,ସୁଦର୍ଶନ ଚକ୍ରବର୍ତ୍ତୀ ଆଇ, ଏ, ଏସ,ପ୍ରତିଶ୍ରୁତି ବଦ୍ଧ ।ଖୋର୍ଦ୍ଧା ଜିଲ୍ଲାପାଳ ଖୋର୍ଦ୍ଧା ସବୁର ଉର୍ଣୀତି ଓ ଗରୀବଙ୍କ ସାଥି । ଦୁର୍ନୀତି ମୂଳ ଉତପାଟନା କରିବା ତାଙ୍କର ଦୃଢ଼କ୍ତି ଓ କରିବେ ଆସା ଓ ବିଶ୍ୱାସ ଖୋର୍ଦ୍ଧା ଜନସାଧରଣଙ୍କର ଅଛି । ଏବର ଜିଲ୍ଲାପାଳ ଯଦି ୩ ବର୍ଷ ରହିବେ ଖୋର୍ଦ୍ଧା ଜିଲ୍ଲାରୁ ଦୁର୍ନିତି, ଜବର ଦଖଲଉଚ୍ଛେଦ ହେବ । ରାଜନେତା, କୁଜିନେତା, ଠକ, ଚୋର ଓ ପ୍ରତକ ବିଭାଗ ହାକିମ କର୍ମଚାରୀ ହେବେ କାକୁଷ୍ଟି ।ଖୋର୍ଦ୍ଧା ଜନସାଧାରଣ ଚାହାଁନ୍ତି ଆଇ, ଏ, ଏସ ଓ ଆଇ, ପି, ଏସ ଅଧିକାରୀ । ରାଜ ନେତା, ଧନୀ ମାନୀ, ରହିବ ନାହିଁ ରାଜୁତି । ଖୋର୍ଦ୍ଧା ଜିଲ୍ଲାର ବିକାଶ କରିବା ଓ ମନ୍ଦୀର, ମସଜିଦି, ଗିର୍ଜା ଆଡିତଙ୍କଦ୍ୱାରା ସମ୍ଭବ । କାଇପଦର ପର୍ଯ୍ୟଟନ କେନ୍ଦ୍ର,ଓ ଡାକ୍ତରଖାନା ନିଶ୍ଚିତ ହେବ, ଦେଇଛନ୍ତି ଆଶ୍ୱାନା ।

# ନିଶିଗନ୍ଧା ଭାଷା ପ୍ରତିଷ୍ଠାନର କବିତା ପାଠୋତ୍ସବ ଓ ଆଲୋଚନାଚକ୍ର

ଖୋର୍ଦ୍ଧା, ୦୨/୦୪ (ନି.ପ୍ର): ନିଶିଗନ୍ଧା ସାହିତ୍ୟ ସଂସଦ ପକ୍ଷରୁ ଖୋର୍ଦ୍ଧାଠାରେ ପୂର୍ବାହ୍ଣ ୯ଟା ସମୟରେ ରାଜ୍ୟସ୍ତରୀୟ ଉତ୍କଳ ଦିବସ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ବିଧାୟକ ଶ୍ରୀ ରାଜେନ୍ଦ୍ର ସାହୁ, ଶ୍ରୀ ନରେନ୍ଦ୍ର ପୂଷ୍ଟି, ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ବଳରାମ ତରାଇ, ଡ. ରଶ୍ମୀ କର, ଶ୍ରୀ ବଂଶୀଧର ଦାଶ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଗଡ ଖୋର୍ଦ୍ଧାସ୍ଥିତ ଉତ୍କଳର ବରପୁତ୍ର ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ର, ମାଧବଚନ୍ଦ୍ର ରାଉତରାୟ ଓ କୃତ୍ତିବାସ ପାଟଶାଣୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ସ୍ଥାନୀୟ ମା' ମଙ୍ଗଳା ମନ୍ଦିରରେ ଆୟୋଜିତ ସମାରୋହରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ, କବିତା ପାଠୋତ୍ସବ, ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ଡିଜିଏମ୍ ଶ୍ରୀ ବିଭୁ ପଦାରବିନ୍ଦ ଦାସ ମୁଖ୍ୟ ଅତିଥି, ଶ୍ରୀ ଗୋପାଳକୃଷ୍ଣ ଦାସ ମୁଖ୍ୟବକ୍ତା, ଶ୍ରୀ ବିକ୍ରମ କେଶରୀ ଚମ୍ପତି ଓ ଶ୍ରୀ ରୋହିତ ନାରାୟଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷାବିତ୍ ସସ୍ମିତା ପଟ୍ଟନାୟକ ( ମହଳା ମହାବିଦ୍ୟାଳୟ), ଶ୍ରୀଯୁକ୍ତ ତରାଇ, ଉପସଭାପତି ଡ. କର, କାର୍ଯ୍ୟକାରୀ ସମ୍ପାଦକ ଶ୍ରୀ ଦାସ ଏହି ସମାରୋହରେ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିବାବେଳେ ପ୍ରତିଷ୍ଠାତା ଆଗାମୀ ତା ୧୩.୦୪.୨୦୨୩ ରିଖରେ ଜୟଦେବ ଭବନ ଓ ତା ୨୭.୦୪. ୨୦୨୩ରିଖରେ ହାଟବରଡିସ୍ଥିତ ଶ୍ରୀ ଶ୍ରୀ ହନୁମାନ ମନ୍ଦିରର ଆୟୋଜିତ ହେବାକୁ ଥିବା ପ୍ରଥମ ବାର୍ଷିକ ମହୋତ୍ସବରେ କବିତା ପାଠୋତ୍ସବ ଓ ଆଲୋଚନାଚକ୍ରକୁ ସମସ୍ତଙ୍କୁ ସାଦର ନିମନ୍ତ୍ରଣ କରିଥିଲେ । ସଭାରେ ଉପସ୍ଥିତ ରହି ସାଫଲ୍ୟ ମଣ୍ଡିତ କରିଥିବାରୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ଅଦିନିଆ ବର୍ଷା ଚାଷୀ ମୁଣ୍ଡରେ ଚଡକ

## ମୁଗ, ବିରି, ଚିନାବାଦମ ଓ ଟମାଟୋ ଚାଷ ବ୍ୟାପକ କ୍ଷତିଗ୍ରସ୍ତ

ଡେଲାଙ୍ଗ , ୦୨/୦୪ (ନି.ପ୍ର): ଗତ ଶୁକ୍ରବାର ରାତିରୁ ହୋଇଥିବା ଅଦିନିଆ ବର୍ଷା ପାଇଁ ଚାଷକ୍ଷେତରେ ବ୍ୟାପକ କ୍ଷୟକ୍ଷତି ଓ ଫସଲ ହାନୀ ହୋଇଥିବାବେଳେ ଚଳିତ ବର୍ଷର ରବି ଫସଲ ନଷ୍ଟ ହେବା ନେଇ ଚାଷୀ ମୁଣ୍ଡରେ ଚଡକ ପଡିଛି । ଜଣେ ଚାଷୀ ଧାରକରଜ ଓ ଧାନବିକି ରବିଫସଲରେ ଅର୍ଥ ଲଗାଇଥିଲା । ଭଲ ଫସଲ ହେଲେ ତାହାକୁ ବିକ୍ରିକରି ଧାରକରଜ ସୁଝିବା ସହିତ ଦୁଇପଇସା ପାଇବାର ଆଶା ରଖିଥିଲା । ମୁଣ୍ଡଝାଳ ତୁଣ୍ଡରେ ମାରି ଫସଲକୁ ଗୋରୁଗାଇଙ୍କ ଦଉରୁ ସୁରକ୍ଷା କରିବା ପାଇଁ ଡହଡହ ଖରାରେ ବିଲମୁଣ୍ଡରେ ଜଗିରହିଥିଲା । ହେଲେ ଗତ କାଲି ରାତିରେ ଜିଲ୍ଲାବ୍ୟାପି ହୋଇଥିବା ଏହି ଅଦିନିଆ ପଶ୍ଚିମା ପବନ ଓ ବର୍ଷା ଚାଷୀର ମେରୁଦଣ୍ଡକୁ ଭାଙ୍ଗିଦେଇଛି । କ୍ଷେତରେ ବିରି, ମୁଗ,କୋଳଥ,ଚଣା, ଚିନାବାଦାମ ପ୍ରଭୃତି ରବି ଫସଲ ପାଚି ଆସୁଥିବା ବେଳେ ଅଦିନିଆ ଛେଚାବର୍ଷା ପାଇଁ କ୍ଷେତରେ ଛୁଇଁ (ସଶ୍ୟପୂର୍ଣ୍ଣ ଶିଶା)ସବୁ ଫାଟିଯିବା ଯୋଗୁ ମଞ୍ଜି ଗୁଡିକ କ୍ଷେତରେ ନଷ୍ଟ ହୋଇଛି । ମୂଳ କାଦୁଆ ହେବା ଯୋଗୁ ଗଛଗୁଡିକ ମୂଳ ସଢିବାକୁ ବଶିଲାଣି । ସେହିପରି କେତେକ କ୍ଷେତରେ ପାଣି ଜମିରହିଥିବା ଯୋଗୁ ଫସଲ ନଷ୍ଟ ହେବାର ଦୃଶ୍ୟ ମଧ ଦେଖିବାକୁ ମିଳିଛି । ଗୁଆଳିପଡା ଗ୍ରାମ ପଞ୍ଚାୟତର ହୁମର ଗ୍ରାମର ଜଣେ ଚାଷୀ ବିଷ୍ଣୁ ଚରଣ ପରିଡା କୁହନ୍ତି ; ଗତ କାଲି ରାତିରେ ହୋଇଥିବା ଅଦିନିଆ ଲଗାଣ ବର୍ଷା ପାଇଁ ମୋ ବିଲରେ ପାଣି ଜମିଯାଇଛି । ମୁଁ କରଜକରି ଦେଢ ଏକର ବାଦାମ ଓ ୧ଏକର ଜମିରେ ମୁଗ ଚାଷ କରିଥିଲି । ମୁଗ ଓ ବାଦାମ ବିଲରେ ପାଣି ଜମିରହିବା ଯୋଗୁ ଫସଲ ନଷ୍ଟ ହୋଇଯାଇଛି । ଏବେ କେମିତି ମୁଁ କରଜ ସୁଝିବି ଓ ମୋ ୫ପ୍ରାଣୀ କୁଟୁମ୍ବ ଚଳାଇବି ବୋଲି କହି କାନ୍ଦି ଉଠିଥିଲେ । ସେହିପରି ମାଛପଡା ଗ୍ରାମର ଜଣେ ଚାଷୀ ମହେଶ୍ୱର ଜେନା କୁହନ୍ତି ମୋର ମୋଟ ୩ଏକର ମୁଗ ଓ ୨ଏକର ବିଲରେ ବିରି ଚାଷ କରିଥିଲି । ବର୍ତ୍ତମାନ ଅଦିନିଆ ବର୍ଷା ପାଇଁ ମୋର ସମ୍ପୂର୍ଣ୍ଣ ଚାଷ ନଷ୍ଟ ହେବା ସହିତ ସବୁ ବିରି,ମୁଗ ମଞ୍ଜି ଛୁଇଁରୁ ଅଲଗା ହୋଇ ବିଲରେ ପଡିରହିଛି । ସେହିପରି ଟମାଟ ଚାଷୀ ମଧ କ୍ଷତିଗ୍ରସ୍ତର ଶିକାର ହୋଇଛନ୍ତି । ଚାଷୀ ବ୍ରହ୍ମାନନ୍ଦ ପରିଡା ଦେଢ ଏକର ଟମାଟ ଚାଷ କରିଥିବା ବେଳେ ପଶ୍ଚିମା ପବନ ବହିବା ଯୋଗୁ ଗଛ ଗୁଡିକ ବିଲରେ ସୋଇପଡିଛି ଏଥିସହ ବର୍ଷାପାଣି ଜମି ରହିବା ହେତୁ ତାଙ୍କର ଫସଲ ନଷ୍ଟ ହୋଇଥିବା ସେ କହିଛନ୍ତି । ସେହିପରି ପଞ୍ଚୁପଲ୍ଲୀ, ଗୁଆଳିପଡା ,ହୁମର,ପିଢପାଟଣା,ବେରବୋଇ ,ମଣିଜିପୁର ,ବୋଳକଣା ,ମାଛପଡା ,ପାଟପୁର ,କୁଞ୍ଜର, ଉଡତରବୋଇ,ଖେଲାଉର,ଇନ୍ଦିପୁର ,ରେଞ୍ଚ ପଞ୍ଚାୟତ , ଚାଇଁପୁର, ସିଂହବ୍ରହ୍ମପୁର, ଜେନାପୁର,ଅରିସଲ, ସାଉରିଆ ପ୍ରଭୃତି ଗ୍ରାମପୁଞ୍ଜ ସହିତ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶହଶହ ଏକର ଫସଲ କ୍ଷେତ ବ୍ୟାପକ କ୍ଷୟକ୍ଷତି ହୋଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଆଜିଠୁ ମାଟ୍ରିକ୍ ...

ଆସନ୍ତାକାଲି ଯେତିକି ପରୀକ୍ଷକ ଅନୁପସ୍ଥିତ ରହିବେ, ସେମାନଙ୍କ ସ୍ଥାନରେ ୱେଟିଂ ଲିଷ୍ଟରୁ ପରୀକ୍ଷକଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଚୟନ କରି ମୂଲ୍ୟାୟନ କାର୍ଯ୍ୟରେ ନିଯୁକ୍ତି ଦେବେ । ରାଜ୍ୟରେ ମୋଟ ୫୫ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଥିବା ବେଳେ ସବୁ କେନ୍ଦ୍ରରେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି । ମୂଲ୍ୟାୟନ ପରେ କେନ୍ଦ୍ରରୁ ଅନ୍‌ଲାଇନରେ ମାର୍କ ପୋଷ୍ଟିଂ କରାଯିବ । ମୂଲ୍ୟାୟନ କାର୍ଯ୍ୟ ୧୦ରୁ ୧୨ଦିନ ମଧ୍ୟରେ ଶେଷ କରିବାକୁ ବୋର୍ଡ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଉପସଭାପତି ଡକ୍ଟର ମହାନ୍ତି ସୂଚନା ଦେଇଛନ୍ତି ।

ସୂଚନା ଯୋଗ୍ୟ, ମାଟ୍ରିକ୍, ମଧ୍ୟମା, ମୁକ୍ତବିଦ୍ୟାଳୟ ପାଇଁ ମୋଟ ୫ଲକ୍ଷ ୪୧ହଜାର ୨୪୭ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବା ବେଳେ ରାଜ୍ୟର ୩୨୧୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ପ୍ରଶ୍ନପତ୍ର ରଖିବା ପାଇଁ ୩୧୬ଟି ନୋଡାଲ ସେଣ୍ଟର କରାଯାଇଥିଲା ।

## 'ନୋ ବଲ୍' ....

ଏହି ସମୟରେ ଅମ୍ପାୟାରଙ୍କ ନୋ ବଲ୍ ? ଘୋଷଣାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଅମ୍ପାୟାର ଭୂମିକାରେ ଥିବା ଲକି 'ନୋ ବଲ' ଘୋଷଣା କରିବାରୁ ତାଙ୍କୁ ଆକ୍ରମଣ ହୋଇଥିଲା । ବୋଲିଂ କରୁଥିବା ଟିମ୍‌ର ଖେଳାଳିମାନେ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଆମ୍ପାୟାରଙ୍କୁ ବଞ୍ଚାଇବା ପାଇଁ ଲକି ରାଉତ ପଡ଼ିଆ ଭିତରକୁ ଯାଇଥିଲେ । ତାଙ୍କୁ ଛୁରୀରେ ଆକ୍ରମଣ କରାଯାଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ତେବେ ଆକ୍ରମଣ କରିଥିବା ଯୁବକଙ୍କୁ ଗ୍ରାମବାସୀ କାବୁ କରିଥିଲେ । ସୂଚନା ପାଇଁ ଚୌଦ୍ୱାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଗାଁରେ ଉତ୍ତେଜନା ଲାଗି ରହିଛି । ଏକ ପ୍ଲାଟୁନ୍ ପୁଲିସ ମୁତୟନ ଅଛନ୍ତି । କ୍ରିକେଟ୍ ଖେଳ ସମୟରେ ଅମ୍ପାୟାରଙ୍କ ନୋ ବଲ୍ ଘୋଷଣା ପରେ ତାଙ୍କୁ ଆକ୍ରମଣ କରାଯାଇଥିବା ଓଡ଼ିଶାରେ ପ୍ରଥମ ଘଟଣା ବୋଲି କୁହାଯାଉଛି । ମହିଷାନଣ୍ଡା ଅଞ୍ଚଳରେ ଏହି ଅଭାବନୀୟ ଘଟଣାକୁ ନେଇ ଚର୍ଚ୍ଚା ହେଉଛି ।

## ନକଲି ସାର୍ଟିଫିକେଟ...

ଏ ଭିତରେ ଘଟଣାକୁ ନେଇ ରାଜନୀତିକରଣ ବି ହୋଇସାରିଛି । ବିରୋଧୀ-ଶାସକ ସହ ବିଭିନ୍ନ ଦଳର ତୁଙ୍ଗନେତାଙ୍କ ସହିତ ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ଫଟୋକୁ ନେଇ ବିଧାନସଭାକୁ ପ୍ରସଙ୍ଗ ପହଞ୍ଚିବା ପରେ ରାଜ୍ୟ ସରକାର ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ତେବେ ବଲାଙ୍ଗୀର ପୁଲିସ ଗତ ଗୋଟିଏ ସପ୍ତାହ ଧରି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ମୁଖ୍ୟ କାର୍ପଟଦାର ମନୋଜ ମିଶ୍ର ଓ ଆଲୋକ ଉଦ୍‌ଗାତାଙ୍କ ସମେତ ୧୯ ଜଣ ଏବେ ଜେଲ ଭିତରେ ଅଛନ୍ତି ।

# ପୂର୍ଣ୍ଣଚନ୍ଦ୍ର ସେଠୀ ଜୟନ୍ତୀ କମିଟି ତରଫରୁ କବିଙ୍କର ୮୪ତମ ଜୟନ୍ତୀ ପାଳନ ଓ ପୁସ୍ତକ ଉନ୍ମୋଚନ




ବାଲେଶ୍ୱର, ୦୨/୦୪ (ନି.ପ୍ର): କବି ପୂର୍ଣ୍ଣଚନ୍ଦ୍ର ସେଠୀ, ଜୟନ୍ତୀ କମିଟି ତରଫରୁ କିବଙ୍କର ୮୪ତମ ଜୟନ୍ତୀ ଉତ୍ସବ ପାଳନ ଏବଂ ସହଧର୍ମିଣୀ ମନୋରମା ସେଠୀଙ୍କର ୭ ଖଣ୍ଡ ଏବଂ କବିଙ୍କର ୭ ଖଣ୍ଡ ପୁସ୍ତକ ଏକ ବର୍ଣ୍ଣାଢ୍ୟ ପରିବେଶରେ 'କବି ନିବାସ' ମଞ୍ଚରେ ଉନ୍ମୋଚିତ ହୋଇଯାଇଛି । ଉକ୍ତ ସଭାରେ ସଭାପତିତ୍ୱ ରୂପେ ବଲାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ମୁଖ୍ୟ ତଥା ଅଧ୍ୟକ୍ଷ ଡ. ରତ୍ନାକର ସିଂହ ଯୋଗଦେଇଥିଲେ । ସମାଜର ଡେସ୍କ ଇନଚାର୍ଜ କୁଳମଣିର ବାରିକ ମୁଖ୍ୟ ଅତିଥି, ରେମୁଣା ସାହିତ୍ୟ ସଂସଦର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସ ମୁଖ୍ୟବକ୍ତା, ବିଶିଷ୍ଟ ନାଟ୍ୟକାର ପ୍ରଦୀପ ମିଶ୍ର ବରେଣ୍ୟ ଅତିଥି, ସମାଜସେବୀ ଅବନୀକାନ୍ତ ଜେନା, ବରେଣ୍ୟ ଅତିଥି, ଶିଶି ସାହିତ୍ୟିକ ପୀତାମ୍ବର ଦାସ, ବରେଣ୍ୟ ଅତିଥି ଏବଂ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସମ୍ପାଦକ ଡ. କୁମାର ଗୋପାଳ ବରେଣ୍ୟ ଅତିଥି ରୂପେ ଯୋଗଦେଇ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କରଆଦର୍ଶ, ସଂସ୍କାର, ସମାଜସେବା, ମାନବିକତା, ଶିକ୍ଷା ସାଧନର ଦକ୍ଷତାର ଭୂୟସୀ ପ୍ରଶଂସା ସହ ଗୁଣବାନ କହିଥିଲେ । ଜୟନ୍ତୀ କମିଟିର ସମ୍ପାଦକ ତଥା ପାହାନ୍ତି ତାରା'ର ମୁଖ୍ୟ କମଳ ଦାସ ପୂର୍ଣ୍ଣ ଚନ୍ଦ୍ର ଜୟନ୍ତୀ କମିଟିର ଆବଶ୍ୟକତା ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କର ୮୪ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା । ଏଥିରେ ପୁତ୍ର ଡାକ୍ତର ଦେବାଶିଷ, ପୁତ୍ରବଧୂ ଦୀପାଞ୍ଜଳି, କନ୍ୟା ଶାନ୍ତି, କାନ୍ତି, ଦୀପ୍ତି, ଜ୍ୱାଇଁ ସୁରେଶ, ଶିବାଶିଷ, ନାତି ଆଶୀର୍ବାଦ, ଶିଭାଶିଷ, କୁମାର ସ୍ୱସ୍ତିକ, ଆଶିଷ, ଆୟୁଷ୍ମାନ, ଆଦର୍ଶ, ଆଲୋକ, ନାତୁଣୀ ପ୍ରତିଭା, ନାତୁଣୀ ଜ୍ୱାଇଁ ବିକାଶ ଏବଂ ଅଣ ନାତୁଣୀ ଦ୍ୱୟ, ଗ୍ରୀୟା, ସାନ୍‌ଭୀ ପ୍ରଭୃତି ବକ୍ତବ୍ୟ ରଖି ଆଶୀର୍ବାଦ ଗ୍ରହଣ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ କବିଙ୍କର ୭ ଖଣ୍ଡ ପୁସ୍ତକ କବିପତ୍ନୀ ମନୋରମା ସେଠୀଙ୍କର ୮ ଖଣ୍ଡ ପୁସ୍ତକ ମୁଖ୍ୟ ଅତିଥି, ବକ୍ତା ଅନ୍ୟାନ୍ୟ ମଞ୍ଚାସୀନ ଅତିଥି ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ ଆଦି ଆତ୍ମୀୟ ସ୍ୱଜନ ଗ୍ରହଣରେ ଉନ୍ମୋଚିତ ହୋଇଥିଲା । ମୁଖ୍ୟ ଅତିଥି କବିଙ୍କର ନିରନ୍ତର ସାଧନାକୁ ତାରିଫ କରିବା ସହ ସେ ଶତାୟୁ ହେବା ସହ ଏହି ପରି ସାରସ୍ୱତ ଭେଟି ପ୍ରତିବର୍ଷ ଆମକୁ ଦେଉଥାନ୍ତୁ ବୋଲି ମତ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ତାଙ୍କରର କର୍ମମୟ ଜୀବନର ନିଷ୍ଠାପର ସାଧନାକୁ ସ୍ମରଣ ପୂର୍ବକ ଏକ ଭାବବିହ୍ୱଳ ମତ ଉପସ୍ଥାପନ କରିଥିଲେ । ଏହାପରେ ପୂର୍ଣ୍ଣଚନ୍ଦ୍ର ଜୟନ୍ତୀ କମିଟି ତରଫରୁ ରାଜ୍ୟପାଳ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲିଙ୍କୁ ଏବଂ କେନ୍ଦୁଝର ନିବାସୀ ବିଶିଷ୍ଟ ଶିକ୍ଷାବିତ୍ ତଥା ଶିଶୁ ସାହିତ୍ୟିକ ଦେବାଶିଷ ଚକ୍ରବର୍ତ୍ତୀଙ୍କୁ ଇତ୍ୟବସରରେ ସମ୍ବର୍ଦ୍ଧନା ଜ୍ଞାପନ ସହ ମାନପତ୍ର, ଉପଢ୍ୌକନ, ଗୀତା ପୁସ୍ତକ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ପୁତ୍ର ଡାକ୍ତର ଦେବାଶିଷ ଧନ୍ୟବାଦ ଦେବା ସହ ରମେଶ ଚନ୍ଦ୍ର ବେହେରା, ରବୀନ୍ଦ୍ର କୁମାର ପାତ୍ର, ସୁଶାନ୍ତ ଶତପଥୀ, ଜୟନ୍ତୀ ବେହେରା, ନୟନାରୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# କୋଇଲା ଉତ୍ପାଦନରେ ଏମ୍‌ସିଏଲ୍‌ର ସର୍ବକାଳୀନ ରେକର୍ଡ




ଭୁବନେଶ୍ୱର, ୦୨/୦୪ (ନି.ପ୍ର): ୨୦୨୨-୨୩ ଆର୍ଥିକ ବର୍ଷରେ ମହାନଦୀ କୋଲଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍) କୋଇଲା ଉତ୍ପାଦନରେ ସର୍ବକାଳୀନ ରେକର୍ଡ କରିଛି । ଚଳିତ ବର୍ଷ କମ୍ପାନୀ ୧୯୩.୩ ମିଲିଅନ ଟନ୍ ଉତ୍ପାଦନ କରିବା ସହିତ ୧୯୨.୭ ମିଲିଅନ ଟନ୍ କୋଇଲା ଯୋଗାଇବାରେ ନୂତନ ରେକର୍ଡ ସ୍ଥାପନ କରିଛି । ଏମ୍‌ସିଏଲ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଓମ୍ ପ୍ରକାଶ ସିଂ ଭୁବନେଶ୍ୱରଠାରେ ଆୟୋଜିତ ଏମ୍‌ସିଏଲ୍‌ର ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଦେଶର ଉର୍ଜା ହାସଲ କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବାରେ କମ୍ପାନୀକୁ ସମସ୍ତ ପ୍ରକାର ସହଯୋଗ କରିଥିବାରୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

୨୦୨୨-୨୩ ଆର୍ଥିକ ବର୍ଷରେ ଏମ୍‌ସିଏଲ୍ କୋଇଲା ଉତ୍ପାଦନରେ ୧୫% ଅଭିବୃଦ୍ଧି ହାସଲ କରିଛି । ଏଥିସହ କୋଇଲା ଉତ୍ତୋଳନରେ ଗତ ଆର୍ଥିକ ବର୍ଷରେ ତୁଳନାରେ ୨୦୨୨-୨୩ ବର୍ଷରେ ୯% ଅଭିବୃଦ୍ଧି ଘଟିଛି ବୋଲି ଶ୍ରୀ ସିଂ କହିଛନ୍ତି । ଏହି ଅବସରରେ ଶ୍ରୀ ସିଂ କମ୍ପାନୀର ସମସ୍ତ ଭାଗିଦାରୀ, କର୍ମଚାରୀ, ଠିକାଦାରଙ୍କୁ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ସିଏମ୍‌ଡିଙ୍କ ସମେତ ଏମ୍‌ସିଏଲ୍‌ର ଶ୍ରୀ କେଶବ ରାଓ, ନିର୍ଦ୍ଦେଶକ (କାର୍ମିକ), ଶ୍ରୀ ପି କେ ପଟେଲ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ, ଶ୍ରୀ ଯୁଗଳ କୁମାର ବୋରା, ନିର୍ଦ୍ଦେଶକ (ବୈଷୟିକ) ଏବଂ ଶ୍ରୀ ଅଜିତ କୁମାର ବେହୁରା, ନିର୍ଦ୍ଦେଶକ (ଅର୍ଥ) ପ୍ରମୁଖ ଉପସ୍ଥିତ ରହି କମ୍ପାନୀ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଯୋଜନାଗୁଡ଼ିକୁ ସଫଳ କରାଇବାରେ କମ୍ପାନୀର ପ୍ରତ୍ୟେକ ସଦସ୍ୟଙ୍କର ସମନ୍ୱିତ ଏବଂ ଉତ୍ସର୍ଗୀକୃତ ପ୍ରୟାସକୁ ପ୍ରଂଶସା କରିଥିଲେ ।

ସିଏମ୍‌ଡି ଆହୁରି ମଧ କହିଥିଲେ ଯେ, ଏମ୍‌ସିଏଲ୍ ଧାର୍ଯ୍ୟ ସମୟ ପୂର୍ବରୁ ଏହାର ସମସ୍ତ ଲକ୍ଷ୍ୟ ହାସଲ କରିସାରିଛି ଏବଂ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୭୦୦ ମିଲିୟନ ଟନ୍ ଧାର୍ଯ୍ୟ ଲକ୍ଷ୍ୟକୁ ଅତିକ୍ରମ କରି କୋଲ ଇଣ୍ଡିଆକୁ ଯୋଗାଇ ପାରିଛି। ଏମ୍‌ସିଏଲ୍ ପରିବେଶ-ଅନୁକୂଳ ଯନ୍ତ୍ରପାତି ମାଧ୍ୟମରେ ସମୁଦାୟ ଉତ୍ପାଦନର ୯୭ ପ୍ରତିଶତ କୋଇଲା ଉତ୍ତୋଳନ କରିପାରିଛି । ଶ୍ରୀ ସିଂ କହିଛନ୍ତି ଯେ, ୨୦୨୨-୨୩ ଆର୍ଥିକ ବର୍ଷରେ ବିଦ୍ୟୁତ୍ କ୍ଷେତ୍ରକୁ କୋଇଲା ଯୋଗାଣରେ ମଧ ବୃଦ୍ଧି ଘଟିଛି । ୨୦୨୧-୨୨ରେ ଏହା ୧୨୭.୧୨ ମିଲିଅନ ଟନ୍‌ରୁ ୧୭ ପ୍ରତିଶତ ବୃଦ୍ଧି ପାଇ ୨୦୨୨-୨୩ ଆର୍ଥିକ ବର୍ଷରେ ୧୪୮.୮ ମିଲିଅନ ଟନ୍‌ରେ ପହଞ୍ଚିଛି । ୨୦୨୨-୨୩ ବର୍ଷରେ ଏମ୍‌ସିଏଲ୍ ୩,୮୫୦ କୋଟି ଟଙ୍କା ମୂଳବ୍ୟୟ (କ୍ୟାପେକ୍ସ) କରି ଏହାର ବ୍ୟବସାୟିକ କାର୍ଯ୍ୟଧାରାକୁ ସୁଦୃଢ କରିପାରିଛି ।

କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କ୍ଷେତ୍ରରେ ଏମ୍‌ସିଏଲ୍ ଓଡ଼ିଶାର ଶୀର୍ଷ କମ୍ପାନୀ ମଧ୍ୟରେ ଅନ୍ୟତମ । ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀ ସିଏସ୍‌ଆର୍ ଅଧିନରେ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ୨୦୦ କୋଟି ଟଙ୍କା ଖର୍ଚ୍ଚ କରିଛି ।

# ମାଜଣାଡିହା ଶିବମୁନି ଯୋଗାଶ୍ରମରେ ୧୭ ତମ ବାର୍ଷିକ ଅଧିବେଶନ ପାଳନ



ଅମର୍ଦ୍ଦା , ୦୨/୦୪ (ନି.ପ୍ର): ରବିବାର ସକାଳ ୮ ଘଟିକା ସମୟରେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନିସମାଜ ର ଶତାଧିକ ମୁନି-ମୁନିମତୀ ମୁନିରାଜ-ମୁନିରାଜ୍ଞୀ ଯୋଗୀ ଯୋଗଶିକ୍ଷୟତ୍ରୀ ଗ୍ରାମ୍ୟ ପରିକ୍ରମା ସାରି ଦିବା ୯-୩୦ ସମୟରେ,ମଆଜଣଆଡଇହଆ ଶିବମୁନି ଯୋଗାଶ୍ରମରେ ଉପସ୍ଥିତ ହୋଇ,ସାନଖୁଡି ଶିବମୁନି ଯୋଗାଶ୍ରମର ବରିଷ୍ଠ ଆତ୍ମଜ୍ଞାନୀ ଯୋଗୀ ନରେନ୍ଦ୍ର ମୁନିଜୀଙ୍କ କରକମଳରେ ସତ୍ୟ ପତାକା ଉତ୍ତୋଳନ କରି ଯୋଗାଶ୍ରମର ୧୭ ତମ ବାର୍ଷିକ ଅଧିବେଶନ ର ଶୁଭାରମ୍ଭ କରିଥିଲେ ।ସଭାପତି ଆସନ ଅଳଙ୍କୃତ କରିଥିଲେ, ବ୍ରହ୍ମଜ୍ଞାନୀ ଭାଗବତ ଆଚାର୍ଯ୍ୟ, ଯୋଗାଚାର୍ଯ୍ୟ ଦାମୋଦର ମୁନିଜୀ ମହୋଦୟ। ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ଯୋଗୀ ନବୀନ ମୁନି ମହୋଦୟ। ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ,ଗୋଡିଖାଲ ଶିବମୁନି ଯୋଗାଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ମୁନିରାଜ ଗୋପାଳକୃଷ୍ଣ ମହାପାତ୍ର ମହୋଦୟ ।ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ଯୋଗୀ ଅରୁଣ ମୁନିଜୀ ମହୋଦୟ,ଯୋଗୀ କୃପାସିନ୍ଧୁ ମୁନି, ଯୋଗୀ ଅନ୍ତର୍ଯ୍ୟାମୀ ମୁନି,ଯୋଗୀ ବଳରାମ ମୁନି,ଯୋଗୀ ଅବକର ମୁନି , ଯୋଗୀ ରସାନନ୍ଦ ମୁନି ଏବଂ ଯୋଗଶିକ୍ଷୟତ୍ରୀ ସୁବାସିନୀ ଦେବୀ ଇତ୍ୟାଦି । ମୁନି ସଙ୍ଗୀତ ଗାନ କରିଥିଲେ, ଯୋଗଶିକ୍ଷୟତ୍ରୀ କମଳିନୀ ଦେ ମହୋଦୟା ।ଆଶ୍ରମ ତରଫରୁ ସମ୍ମାନିତ କରାଯାଇଥିଲା ୧--ମୁନିରାଜ ଗୋପାଳକୃଷ୍ଣ ମହାପାତ୍ର,ଗୋଡିଖାଳଙ୍କୁ ପିତୃଭକ୍ତ ସମ୍ମାନ, ୨--ଯୋଗଶିକ୍ଷୟତ୍ରୀ କମଳ କାମିନୀ ଦେ,ପଥରପୁରାଙ୍କୁ ମୀରାବାଈ ସମ୍ମାନ ଏବଂ ଯୋଗଶିକ୍ଷୟତ୍ରୀ ଇନ୍ଦିରା ମା'ଙ୍କୁ ଦାନ ବୀର ସମ୍ମାନ । ପ୍ରଥମେ ବିଶ୍ୱର କଲ୍ୟାଣ ଉଦ୍ଦେଶ୍ୟରେ, ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ,କରାଯାଇ ବାର୍ଷିକ ଅଧିବେଶନ ର ଜ୍ଞାନଯଜ୍ଞ ଆରମ୍ଭ କରାଯାଇଥିଲା । ମୁନିସମାଜ ର ଯମ ନିୟମ ପାଳନ କରି ପ୍ରତିଦିନ ଯୋଗ ସାଧନ ଜାରି ରଖି ଚାଲିଥିଲେ ଜଣେ ନିଶ୍ଚିନ୍ତ ଭାବରେ, ନିରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନ ଯାପନ କରି ସୁଖ-ଶାନ୍ତି-ଆନନ୍ଦରେ କାଳାତିପାତ କରିବ ? ଏଥିରେ ସନ୍ଦେହର ଅବକାଶ ନାହିଁ ,ଏହା ସମସ୍ତ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।ଶେଷରେ ପ୍ରାନ୍ତୀୟ ସହସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ, ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି, ଦେବେନ୍ଦ୍ର ମୁନି, ଇକଡା ମୁନି ଏବଂ ଗଦାଧର ମୁନି ଇତ୍ୟାଦି ଙ୍କ ସହିତ ୨୦୦୦ ଅତିଥି ମାନଙ୍କୁ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।


SERVE ALL RDAC

**RDAC-CHILD CARE INSTITUTION, NAHARPADA, BARIPADA, MAYURBHANJ**

CHILD CARE

Advertisement. No. 03-CCI-RDAC,MBJ Date: 30.03.2023

Applications are invited from the interest eligiblity candidates for filling up the vacant posts in the National level Voluntary organization Rural Development Action Cell (RDAC) in its project "Child Care Institution" (CCI), Naharpada Baripada, Dist- Mayurbhanj as per JJ Act-2015 & JJ Rules of Odisha State Child protection Society Under aegis a of women and child Development Department, Goverment of Odisha.

1. Doctor (Part time): Qualification : MBBS/BHMS/BAMS/unani. Age Limti-21 yrs to 65 yrrs. Remuneration Rs. 15000 Month as perr visit basis, Weekly once. No. of Post-1

2. Tutor (Part time): Qualification : Graduate in any discipline. Preference will be given for B.Ed. Age limti-21 yrs to 45 Yrs. Remuneration Rs. 10,000 per Month. No. of Post-1

3. Art & Craft cum Music Teacher (Part Time): Qualification : Certificate in art & Craft, Age Limit -21 Yrs to 45 Yrs. Remuneration Rs. 10,000 Per Month. No. of Post- 1

4. Yoga Teacher (Part time) : Qualification : Certificate in Yoga, Age limit is 21 Yrs to 45 Yrs. Remuneration Rs. 10,000 Per Month. No. of Post-1

Mode of selection: The post arc purely temporary and contractual in nature and salary will be paid as per the norms of mission vatsalya Scheme, The selection will be made after short- listing by the Selection Committee on the bet of academic career and experience of the candidate. Applicant in prescribed format in with self attested certificates, mark sheets & other required documents like Aadhar Card, Passport size photo should be submitted through Recruitment Portal www.rdacccimayurbhanj.com or email Id: rdaccci@gmail.com. After online submission the printout copy/ hard copy of the same should also be submitted by Registered/speed post address to The Secretary, Rural Development Action Cell (R DAC), Child Care Institution, At- Naharpada, Po- Barilpada, Dist- Mayurbhanj, Pin- 757001. The application along with all required documents must be reached on or before 11.04.2023 by 5.00 P.M_ The undersigned will not be responsible for any delay in receipt of application forms of candidates. The authority reserves the right to reject arty or all the applications without assigning reason thereof.

Sd/- Secretary, RDAC-CCI, Baripada
Mayurbhanj

ସୋମବାର, ଏପ୍ରିଲ ୦୩, ୨୦୨୩
ଧ୍ୱନି ପ୍ରତିଧ୍ୱନି

# ପୁରୁଣାପାଣି ଗାଁରୁ ଚନ୍ଦନେଶ୍ୱର ଚଡକମେଳା ଲାଗି ଗଲା ୨ ଥମ୍ଭି କାଠ

ଜଳେଶ୍ୱର ୨/୪(ନିପ୍ର) : ପ୍ରସିଦ୍ଧ ଚନ୍ଦନେଶ୍ୱର ଚଡମ ମେଳା ଲାଗି ବ୍ୟବହୃତ ୩ ଥମ୍ଭିକାଠ ମଧ୍ୟରୁ ୨ଟି ଅଯୋଗ୍ୟ ହୋଇଥିବାରୁ ବ୍ୟବହାର ପୂର୍ବରୁ ନିତିନିୟକ ଅନୁଯାୟୀ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନାର ଖାଆଡ ପଂଚାୟତ ଅନ୍ତର୍ଗତ ପୁରୁଣାପାଣି ଗାଁରୁ ଆଜି ସକାଳେ ନିଆଯାଇଛି । ଚନ୍ଦନେଶ୍ୱରର ହଜାର ହଜାର ଭକ୍ତ ଏହି କାଠ ସ୍ପର୍ଶ କରିଥାନ୍ତି । କିନ୍ତୁ କେଉଁ ଆଦିମ କାଳରୁ ଏହି ୩ଟି କାଠ ବ୍ୟବହାର ହୋଇ ଆସୁଥିବା ବେଳେ ଏବେ ସେଥିରୁ ୨ଟି ନଷ୍ଟ ହୋଇଛି । ପ୍ରଥକାଶଯୋଗ୍ୟ ପୂର୍ବେ ଏହି କାଠ ଉଡା ପର୍ବରେ ବ୍ୟବହାର ହେଉଥିଲା । ଚନ୍ଦନେଶ୍ୱର ଚଡକମେଳାରେ ଭାଗ ନେଉଥିବା ପ୍ରାୟ ୧ ଲକ୍ଷ ଭକ୍ତ ଏହି କାଠକୁ ସ୍ପର୍ଶ ଓ ପୂଜାର୍ଚ୍ଚନା କରିଥାନ୍ତି । ଆଜି ଏ ୨ଟି କାଟ ଗଲାବେଳେ ବାଟରେ ଶହ ଶହ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା, ମନ୍ତ୍ରପାଠ ଇତ୍ୟାଦି କରିଥିଲେ । ପୁରୁଣାପାଣି ଗାଁର ମୁଖ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ବିରକିଶୋର ଦାସଙ୍କ ବାଡ଼ିରୁ ଏହି ୨ଟି ଶାଳ ବୃକ୍ଷ ଛେଦନ କରି ନିଆଯାଇଥିବା ଜଣାଯାଇଛି । ଏହି ୨ଟି ଗଛ ନେବାପୂର୍ବରୁ ଚନ୍ଦନେଶ୍ୱର ଜିୟୁଙ୍କର ୨ ପୂଜକ ଓ ମୌଶରୀ ତପନ କୁମାର ପଣ୍ଡା ଆସି ଗଛ ୨ଟି ଦର୍ଶନ କରିଥିଲେ । କିନ୍ତୁ ଶାଳକାଠ ନେବାଲାଗି ମନ୍ଦିର ଟ୍ରଷ୍ଟ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପରେ ବାଲେଶ୍ୱର ଡିଏଫଓଙ୍କ ନିର୍ଦ୍ଦେଶରେ ଜଂଗଲ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଥୁମ୍ଭିକାଠ ଯୋଗାଁ ବାଲାଗି ବ୍ୟବସ୍ଥା ହୋଇଥିଲା । ଗଛକଟା ହେବା ପୂର୍ବରୁ ମନ୍ଦିର ପୂଜକ ନିତିନୀୟମ ଅନୁଯାୟୀ ପୂଜାର୍ଚ୍ଚନା, ମନ୍ତ୍ରପାଠ ଓ ଛେଦନ କରିଥିଲେ । ଏହା ପୂର୍ବରୁ ଶିଖରପୁର ମହାଦେବଙ୍କ ଉଡାପର୍ବ ଓ ଅନ୍ୟ କେତେକ ମନ୍ଦିରର ଆବଶ୍ୟକତାକୁ ଲକ୍ଷ୍ୟ କରି ବିରକିଶୋରଙ୍କ ବାଡ଼ିରୁ ଶାଳକାଠ ପଠାଯାଇଥିବା ସଂପର୍କରେ ଶ୍ରୀ ଦାସ ଆଜି ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । କାଠ ଯୋଗାଇ ନିଜକୁ ଧନ୍ୟ ମଣୁଛନ୍ତି ବୋଲି କହିଛନ୍ତି ।

# ଲଙ୍ଗଳେଶ୍ୱରରେ ଉତ୍କଳ ଦିବସ ସମାରୋହ

ଲଙ୍ଗଳେଶ୍ୱର ୨/୪ (ନିପ୍ର) ଲଙ୍ଗଳେଶ୍ୱର ହାଇସ୍କୁଲ ଠାରେ ପୂଜ୍ୟପୂଜା ସଂସଦ ପକ୍ଷରୁ ୮୮ ତମ ଉତ୍କଳ ଦିବସ ଶନିବାର ସନ୍ଧ୍ୟାରେ ପାଳନ କରାଯାଇଥିଲା । ଅନୁଷ୍ଠାନର ସଭାପତି ମନୋରଞ୍ଜନ ଆଚାର୍ଯ୍ୟ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ରେବତୀ ପତ୍ରିକାର ସମ୍ପାଦିକା ବିଶିଷ୍ଟ ସମାଜସେବୀ ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡ଼ିଆ ଭାଷା ବଞ୍ଚାଇବାକୁ ଯୁବପିଢି ଆଗକୁ ଆସି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଓଡ଼ିଆ ଭାଷାରେ ଏବେ ସରକାରୀ ଅଫିସ ମାନଙ୍କରେ ଚିଠି ଲେଖାଯାଇଛି ବୋଲି ମୁଖ୍ୟ ବକ୍ତା ଭାବେ ବାଲିଆପାଳ ବ୍ଲକ ବି,ଡି,ଓ, ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି । ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ସ୍ଥାନୀୟ ସରପଞ୍ଚ କାଳିଚରଣ ଜେନା, ସମିତି ସଭ୍ୟ କଟି ମାରାଣ୍ଡି ପ୍ରମୁଖ ଯୋଗଦେଇ ଉତ୍କଳ ଦିବସ ପାଳନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସଂସଦର କାର୍ଯ୍ୟକାରୀ ସଭାପତି ରବିରଞ୍ଜନ ତ୍ରିପାଠୀ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ । ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ ଅତିଥି ପରିଚୟ ସମ୍ପାଦକ ସନ୍ତୋଷ କୁମାର ନନ୍ଦୀ ବିବରଣୀ ପାଠ କରିଥିଲେ । ଏହି ସମାରୋହରେ ତିନିଜଣ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଭାଗନେଇ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବ ନ କରାଯାଇଥିଲା । ସନ୍ତୋଷ କୁମାର ମହାନ୍ତି, ଆଦିତ୍ୟ କୁମାର ରାଉତ, ଜୟକୃଷ୍ଣ ଲେଙ୍କା, ସତ୍ୟଅଞ୍ଜନ ଦେ, ବାସୁଦେବ ମଲ୍ଲିକ, ଅଶୋକ କୁମାର ଦାସ, ନୃତ୍ୟ ଶିକ୍ଷୟତ୍ରୀ କବିତା ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶ୍ରେଷ୍ଠ ଏ ଏସ ଆଇ ଭାବେ ଦାମୋଦର ସାହୁ ପୁରସ୍କୃତ

ଭୁବନ, ୦୨ ଏପ୍ରିଲ (ନି.ପ୍ର)- ଢେଙ୍କାନାଳ ଜିଲ୍ଲାର ଉପାନ୍ତ ଇଲାକା ତଥା ଆଦିବାସୀ ଅଧ୍ୟୁସିତ କଙ୍କଡାହାଡ ଥାନାରେ ଏ ଏସ ଆଇ ଭାବେ କାର୍ଯ୍ୟରତ ଦାମୋଦର ସାହୁ ଙ୍କୁ ଶ୍ରେଷ୍ଠ ଏ ଏସ ଆଇ ଭାବେ ପବିତ୍ର ଉତ୍କଳ ଦିବସ (ପୋଲିସ ପ୍ରତିଷ୍ଠା ଦିବସ) ରେ ପୁରସ୍କୃତ କରାଯାଇଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜ୍ଞାନ ରଂଜନ ମହାପାତ୍ର ମାନପତ୍ର ପ୍ରଦାନ କରି ଏ ଏସ ଆଇ ଶ୍ରୀଯୁକ୍ତ ସାହୁ ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଶ୍ରୀଯୁକ୍ତ ସାହୁ ତା ୧.୭.୧୯୮୭ ମସିହାରେ ପୋଲିସ ବିଭାଗରେ ନିଯୁକ୍ତ ହୋଇ ତାଙ୍କ କର୍ମମୟ ଜୀବନ ଆରମ୍ଭ କରି ଢେଙ୍କାନାଳ ସଦର, ଗଁନ୍ଦିଆଁ, ଭୁବନ ଥାନାସମେତ ସୁରପ୍ରତାପପୁର ଫାଣ୍ଡି ଅଫିସର ଭାବେ କାର୍ଯ୍ୟ କରି ଅତୀତରେ ଉତମ କର୍ତବ୍ୟ ସକାଶେ ବହୁବାର ପ୍ରଶଂସିତ ହୋଇଛନ୍ତି । ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଉଛି ।

# ଘୂର୍ଣ୍ଣିଝଡ ଓ କୁଆପଥର ମାଡରେ ୧୦ ପଂଚାୟତର ବ୍ୟାପକ କ୍ଷତି

## ଧାନ ଓ ପରିବା ଚାଷ କ୍ଷତିଗ୍ରସ୍ତ : ବହୁ ଘରର ଛପର ଉଡିଲା

ଜଳେଶ୍ୱର ୨/୪(ନିପ୍ର) : ଆଜି ଅପରାହ୍ନରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା । ଜଳେଶ୍ୱର ବ୍ଲକର ବିଭିନ୍ନ ସ୍ଥାନରେ ଦେଖା ଦେଇଥିବା ଘୂର୍ଣ୍ଣିଝଡ ଓ କୁଆପଥର ମାଡ ଫଳରେ ୧୦ ପଂଚାୟତର ଧାନ ଓ ପରିବାଚାଷ ବ୍ୟାପକ କ୍ଷତି ଘଟିଛି । ଶହ ଶହ ଲୋକଙ୍କ ଛପର ଉଡି ଯାଇଥିବାରୁ ରାଜସ୍ୱ ବିଭାଗର କର୍ମଚାରୀମାନେ ବିଭିନ୍ନ ଗ୍ରାମରେ ବୁଲି କ୍ଷୟକ୍ଷତି ଆକଳନ କରୁଛନ୍ତି । ଦୀର୍ଘ ୬ ମାସ ଧରି ବର୍ଷା ନ ଥିବା ବେଳେ ଗତ ୧୦ ଦିନ ମଧ୍ୟରେ ବାରମ୍ବାର ଝଡବର୍ଷା ଓ କୁଆପଥର ମାଡ ହୋଇଛି । ଆଜି ଅପରାହ୍ନରେ ଘୂର୍ଣ୍ଣିଝଡ ଓ କୁଆପଥର ମାଡ ହେବାରୁ ପାଇକସିଦା, ଚୋରମରା, ବର୍ତ୍ତନା, କୋଟସାହି, ରାୟଁାରାମଚନ୍ଦ୍ରପୁର, ଆରୁହା, ନଛିମପୁର, ଗୋପିମୋହନପୁର, ଗଡସାହିବାଲିଆପାଳ, ଜଳେଶ୍ୱର ମ୍ୟୁନିସିପାଲଟି ଓ ସୁଗୋ ପଂଚାୟତର ବ୍ୟାପକ ଅଂଚଳ କ୍ଷତିଗ୍ରସ୍ତ ହୋଇଛି । ଘୂର୍ଣ୍ଣିଝଡର ବ୍ୟାପକତା ଅଧିକ ଥିବାରୁ ପାଇକସିଦା, କୋଟସାହି, ରାୟଁାରାମଚନ୍ଦ୍ରପୁର, ଗଡସାହିବାଲିଆପାଳ ପଂଚାୟତର ବଡବଡ ଗଛ, ନଡିଆଗଛ, ଇଲେକ୍ଟ୍ରିଖୁଂଟି ଭୂଇଁରେ ଲୋଟୁଛି । ଅଦ୍ୟାବଧି ବାଇଗଣ, ଭେଣ୍ଡି, ବିରି, ମୁଗ, ତିଳ, କାକୁଡି, କଖାରୁ, ଚିନାବାଦାମ, ତରବୁଜ, ଧାନ ଚାଷର ବ୍ୟାପକ କ୍ଷତି ଘଟିଛି । ଆମ୍ବ, ପଣସ ଖସି ନଷ୍ଟ ହୋଇଛି । ଖବର ପାଇ ଜଳେଶ୍ୱର ବିଧାୟକ ତଥା ମନ୍ତ୍ରୀ ଜିଲା ପ୍ରଶାସନ ସହ ଆଲୋଚନା କଲାପରେ ବିଭିନ୍ନ ଗାଁରେ ରାଜସ୍ୱ କର୍ମଚାରୀମାନେ ତଦନ୍ତ ଆରମ୍ଭ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ରତ୍ନାକର ହାଁସଦା, ବା ।ନିଥି ଜେନା, ହିମାଂଶୁ ଦେ, ଅଶ୍ୱିନୀ ଜେନା, ରାମଚନ୍ଦ୍ର ପରିଡା, ପୂର୍ଣ୍ଣଚନ୍ଦ୍ର ଦାସ ମହାପାତ୍ର, ଅନିରୁଦ୍ଧ ଭଂଜ, ସମ୍ଭୁନାଥ ଦଳେଇ, ପଂଚାନନ ଦଳେଇ, ରବିନ୍ଦ୍ର ତରାଇ, ଉମାକାନ୍ତ ଜେନା, ପୂର୍ଣ୍ଣଚନ୍ଦ୍ର ଦାସ, ବିଜୟ ଜେନା, ଗୌରାଙ୍ଗ ପଣ୍ଡା, ଧନଞ୍ଜୟ ଦାସ, ବିଜୟ ଘୋଷ, ବାସନ୍ତୀ ଭୋଳ, ବଂଶୀଧର ରଣା, ବେଣୁଧର ରଣା, ଶଂକର ସାହୁ, ସୁରେନ୍ଦ୍ର ସାହ, ଶଂକର ଧଳ, ଅଭିମନ୍ୟୁ ସେଠୀ, ଏକାଦଶୀ ସେଠୀ, ସ ମ୍ଭ ୁ ନ ।ଥ ଜେନାଙ୍କର ଘର ଛପର ଉଡି ଯାଇଥିବା ଜଣାଯାଇଛି । ସଂଧ୍ୟାରେ ରାଜସ୍ୱ ବିଭାଗର ଦିଲ୍ଲିପ ଚାନ୍ଦ, ଅଂଚନା ଟୁଡୁ, ପ୍ରତାପ ଭଂଜ ପ୍ରମୁଖ ରାଜସ୍ୱ କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଦମକଳ ବାହିନୀ ଘଟଣାସ୍ଥଳରେ ପହ ି ରାସ୍ତାରେ ପଡିଥିବା ବଡବଡ ଗଛ ସଫା କରିବାରେ ଲାଗିଛନ୍ତି । ଜଗବଂଧୁ ନାୟକ, ସବିର ନାୟକ, ସୁଶାନ୍ତ ସିଂ, ରାଇସେନ ମାରାଣ୍ଡି, ରାଜେନ୍ଦ୍ର ନାୟକ, ରବିନ୍ଦ୍ର ମାଝି ପ୍ରମୁଖ ଯୁଦ୍ଧକାଳୀନ ଭିତ୍ତିରେ ଗଛ ସଫା କରିବାରେ ଲାଗିଛନ୍ତି । ଏଥିରେ ଚୋରମରା ଗାଁର ହିରାମଣି ହାଁସଦା (୨୪), ଦେବରାଜ ହାଁସଦା (୨୨) ଗୁରୁତର ଆହତ ହୋଇ ଚିକିତ୍ସାଧିନ ଅଛନ୍ତି ।



# ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା



ବସ୍ତା, ୨/୪(ନିପ୍ର): ବସ୍ତାର ଅଗ୍ରଣୀ ଅନୁଷ୍ଠାନ ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦ ର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ମହାସମାରୋହରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରଥମ ସ୍ତରରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅଧ୍ୟାପିକା ରେଣୁବାଳା ପ୍ରଧାନ ଓ ମଧୁସୁଦନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା । ଦ୍ୱିତୀୟ ସତ୍ରରେ ଜୟନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରମେୟ ବାଲେଶ୍ୱର ସଂସ୍କରଣ ମୁଖ୍ୟ ସତ୍ୟଶିବ ଦାସ ମୁଖ୍ୟ ଅତିଥି, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳୀପଦ ପଣ୍ଡା ମୁଖ୍ୟବକ୍ତା, ବହିଘର ପ୍ରକାଶକ ଅଭୟ ଦାସ ସମ୍ମାନିତ ଅତିଥିଓ ସୃଜନିକା ଆବାହକ ସୁକାନ୍ତ ଗିରି ସମ୍ମାନିତ ବକ୍ତା ଭାବେ ନିଜର ଭାବଗର୍ଭକ ଅଭିଭାଷଣ ଉପସ୍ଥାପନା କରିବା ସହ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କ ରେ ଆଲୋଚନା କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା, ସମ୍ପାଦକ ବିଜୟପରିଡା ଓ ଉପ ସଭାପତି କୁମୁଦ ରଂଜନ ଗିରି ବିଗତ ଆଠ ବର୍ଷର ସାରସ୍ୱତ ଯାତ୍ରାର ବିବରଣୀ ପ୍ରଦାନ କରିଥିଲେ । ବିଶିଷ୍ଟ ଚିତ୍ରଶିଳ୍ପୀ, କେଶୁ ଦାସ, ଗାଳ୍ପିକା ସ୍ନେହଲତା ଦାସ, ନାଟ୍ୟକାର ବିଧ୍ୟାଧର ବେହେରା, ଚିତ୍ରକର ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ବାଲୁକାଶିଳ୍ପୀ ଟୁନା ବେହେରାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । କବୟିତ୍ରୀ ଜୟନ୍ତୀ ବେହେରାଙ୍କ ପୁସ୍ତକ ‘ସାଉଁଟା ଫୁଲ’ ଓ ‘ଗଦ୍ୟାଂଶ’ ଉନ୍ମୋଚିତ ହୋଇଥିଲା । ପ୍ରଶାନ୍ତ ଦାସ,ଅରୁଣ ଦାସ, ଶ୍ରୀପତି ପାତ୍ର, ନମିତା ଦାସ, ଗୌରାଙ୍ଗ ପରିଡା, ରାଜକିଶୋର ମହାନ୍ତି, ପୂର୍ଣ୍ଣ ମହାଳିକ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଉତ୍କଳସମ୍ମିଳନୀ ବାଲେଶ୍ୱର ଜିଲ୍ଲାଶାଖା ପକ୍ଷରୁ ୮୮ତମ ଉତ୍କଳଦିବସର ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଅନୁଷ୍ଠିତ ହେଲା ସାଧାରରଣ ସଭା

ବାଲେଶ୍ୱର, ୨/୪(ନିପ୍ର): ୮୮ତମ ପବିତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୁଣ୍ୟତିଥିକୁ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ପାଳନ କରାଯାଇଛି ସହରର ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ସମୂହ ମାଲ୍ୟାର୍ପଣ ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଓଡ଼ିଆ ଜାତୀୟତାର ଅଭ୍ୟୁଦୟ, ବିକାଶ ସହ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶର ଗଠନର ଅତୀତ ଇତିହାସକୁ ରୋମନ୍ଥନକରି ସମୃଦ୍ଧ ଓଡ଼ିଶା ନିର୍ମାଣରେ ପ୍ରତିଟି ଓଡ଼ିଆଙ୍କ ଜାତୀୟ କର୍ତ୍ତବ୍ୟ ସଂପର୍କରେ ଆଲୋକପାତ କରାଯାଇଥିଲା । ଉତ୍କଳସମ୍ମିଳନୀ ବାଲେଶ୍ୱର ଶାଖାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜାତୀୟ ସ୍ମୃତି ଦିବସ ସମାରୋହରେ ଶାଖାର ସଂପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳୀପଦ ପଣ୍ଡା ମଧୁବାବୁଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଗଠନ ପରେ ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ଜାତିପ୍ରାଣ ମହାରାଜା ବୈକୁଣ୍ଠନାଥ ଦେବ ପ୍ରଭୃତି ବାଲେଶ୍ୱର ମାଟିର ବରପୁତ୍ରଙ୍କ ସମେତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ, କୃଷ୍ଣଗଜପତିଙ୍କ ସମେତ ସେତେବେଳର ଓଡ଼ିଶାର ସମସ୍ତ ରାଜନ୍ୟବର୍ଗଙ୍କ ସହଯୋଗରେ ଆମର ସ୍ୱାଭିମାନର ପରିଚୟ ଲାଭ ହୋଇଥିବାରୁ ସେହି ବରପୁତ୍ରମାନଙ୍କୁ ସ୍ମରଣ କରିବା ଆଜିର ଦିନରେ ପ୍ରତିଟି ଓଡ଼ିଆଙ୍କ ନୈତିକ କର୍ତ୍ତବ୍ୟ ବୋଲି କହିଥିଲେ । ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ଦାଶ, ଡ. ରମାକାନ୍ତ ବେହେରା, ସୁଜିତ ଦେବ, ଅନୁସୂୟା ନାୟକ, ଦୀନବଂଧୁ ଲେଙ୍କା, ସୃଷ୍ଟିଧର ପରିଡ଼ା, ଡ. କ୍ଷିତୀଶ୍ୱର ଦାଶ, ବିଧାନ ଚନ୍ଦ୍ର ରାୟ, ରମେଶ ଚନ୍ଦ୍ର ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ସଭାରେ ଓ ମାଲ୍ୟାର୍ପଣରେ ଯୋଗ ଦେଇଥିଲେ ନିରଞ୍ଜନ ରାଉତ, କବି ଉତ୍କଳ କୁମାର ମହାନ୍ତି, ସୁଦର୍ଶନ ଜେନା, ଗୌରାଙ୍ଗ ପାଣିଗ୍ରାହୀ, ଦାମୋଦର ନାୟକ, ପ୍ରଫୁଲ୍ଲ କୁମାର ଦାସ, କମଳାକାନ୍ତ ନାୟକ, ରତ୍ନାକର ଦାସ, ବେଣୁଧର ସାହୁ, କମଳାକାନ୍ତ ଦାଶ, ପ୍ରଦୀପ୍ତ କୁମାର ମିଶ୍ର, ସୁଧାକର ସେଠୀ, ଏମ୍.ଏନ୍. ଲିଷା, ବିଜୟ ପାଣିଗ୍ରାହୀ, ବ୍ରଜକିଶୋର ପ୍ରଧାନ, ଜ୍ୟୋତିର୍ମୟୀ ଶତପଥୀ, ସୀତାରାରମ ପ୍ରଧାନ, ରାମଚନ୍ଦ୍ର ସାହୁ, ଜ୍ୟୋତିର୍ମୟୀ ଶତପଥୀ, ସୁଧାଂଶୁ ଶେଖର ଦାସ, ପଦ୍ମଲୋଚନ ଦତ୍ତଙ୍କ ସହ ବାଲେଶ୍ୱର ଜିଲ୍ଲାସ୍କୁଲରର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଫକୀରମୋହନ ଗୋଲେଇ, କଚେରିହତା, ଗଡ଼ଗଡ଼ିଆ ଘାଟ, ଟାଉନ ହଲ ପରିସରରେ ଥିବା ମଧୁସୂଦନ, ଫକୀରମୋହନ, ଗୋପବନ୍ଧୁ, ରାଧାନାଥ ଓ ବୈକୁଣ୍ଠନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସମବେତ ବନ୍ଦେଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା । ଶେଷରେ ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।



# କେନ୍ଦ୍ରୀୟ ବିଦ୍ୟାଳୟର ଜି-୨୦ ଜନ ଭାଗିଦାରୀ ପ୍ରଭାତଫେରୀ

ଭଦ୍ରକ ତା. ୩୧.୦୩.୨୦୨୩ ରିଖ । ଭାରତ ସରକାରଙ୍କ ନିର୍ଦ୍ଦେଶାନୁସାରେ କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ ତରଫରୁ ପ୍ରାଧ୍ୟାପକ, ଛାତ୍ର ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ଦ୍ୱାରା ଏକ ପ୍ରଭାତଫେରୀ ଆୟୋଜିତ ହୋଇଥିଲା । ଏହି ପ୍ରଭାତଫେରୀ ବିଦ୍ୟାଳୟରୁ ଆରମ୍ଭ ହୋଇ ନିକଟସ୍ଥ କୋରକୋରା ଗ୍ରାମ ପରିକ୍ରମା କରି ସ୍ଥାନୀୟ ଜନସାଧାରଣ ଜି ୨୦ ସମ୍ମିଳନୀର ମହତ୍ୱ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଅବଗତ କରାଯାଇଥିଲା । ଏହି ପ୍ରଭାତଫେରୀ ଜି ୨୦ ସମ୍ବନ୍ଧୀତ ବିଭିନ୍ନ ବ୍ୟାନ୍ନର, ପୋଷ୍ଟର ଓ ସ୍ଲୋଗାନ୍ ଆଦି ପ୍ରଦର୍ଶିତ ହୋଇଥିଲା । ବିଦ୍ୟାଳୟର ପ୍ରାତଃକାଳୀନ ସଭାରେ ପ୍ରାଚାର୍ଯ୍ୟ ଶ୍ରୀମତୀ ସୁଜାତା ମିଶ୍ର ଜି ୨୦ ଜନ ଭାଗିଦାରିର ମହତ୍ୱ ସମ୍ବନ୍ଧରେ ଅବିଭାଷଣ ଦେଇଥିଲେ । ଏତଦ୍‌ବ୍ୟତିତ ବିଦ୍ୟାଳୟ ପ୍ରାଙ୍ଗଣରେ ଉତ୍କଳ ଦିବସ ମହାସମାରୋହ ପାଳିତ ହୋଇଯାଇଛି । ଇତ୍ୟଅବସରରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଉତ୍କଳ ସଂଗୀତ, ବନ୍ଦେ ଉତ୍କଳ ଜନନୀ ଏବଂ ଓଡ଼ିଶାର ଭାଷା, କଳା ଓ ସଂସ୍କୃତି ଉପରେ ଆଧାରିତ ସମୂହ ନୃତ୍ୟ ପରିବେଷଣ କରାଯାଇଛି । ବିଦ୍ୟାଳୟର ନବମଶ୍ରେଣୀ ଛାତ୍ରୀ ତନୁଶ୍ରୀ ବନ୍ଦନା ରାଉତଙ୍କ ଦ୍ୱାରା ଉତ୍କଳ ଦିବସ ଉପରେ ବକ୍ତୃତା ପ୍ରଦାନ କରିଥିଲେ । ଅବଶେଷରେ ବିଦ୍ୟାଳୟରେ ପ୍ରାଚାର୍ଯ୍ୟ ଶ୍ରୀମତୀ ସୁଜାତା ମିଶ୍ରଙ୍କ ଉତ୍କଳ ଦିବସରେ ଅଭିଭାଷଣ କରାଯାଇଥିଲା । ପରିଶେଷରେ ପ୍ରାଚାର୍ଯ୍ୟ ଧନ୍ୟବାଦ ଏବଂ ଉଜ୍ଜାପନୀ ଅଭିଭାଷଣ ପୂର୍ବକ ପ୍ରାତଃକାଳୀନ ସଭାସାଙ୍ଗ ହୋଇଥିଲା ।

# ବଡଖୋଳିଆରେ ୫୧ କୁଣ୍ଡୀୟ ଯଜ୍ଞ ଓ ପ୍ରବଚନ

ଲଙ୍ଗଳେଶ୍ୱର, ୨/୪(ନିପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତର ବଡଖୋଳିଆ ବିଦ୍ୟାଳୟ ପରିସରରେ ରବିବାର ୫୧ କୁଣ୍ଡୀୟ ଯଜ୍ଞ ଓ ପ୍ରବଚନ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଇଯାଇଛି । ଆଖପାଖ ଅଞ୍ଚଳ ରୁ ଶହ ଶହ ଶ୍ରଦ୍ଧାଳୁ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମରେ ସାମିଲ ହେଇ ଆଧାତ୍ମିକ ଜ୍ଞାନ ଆହରଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଶିଷ୍ଟ ପ୍ରବଚକ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ଙ୍କ ପ୍ରବଚନ ରେ ବିମୋହିତ ଶୃତା ସୁରେଶ କୁମାର ପାଣିଙ୍କ ନେତୃତ୍ୱରେ ଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା । ଭଗବାନ ସାହୁ, ପଦ୍ମଲୋଚନ ସ୍ୱାଇଁ, ବସନ୍ତ କୁମାର ଘଣ୍ଟି,ହରିପଦ କରଣ, ରମାକାନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

# ପରିମଳ କ୍ଷେତ୍ରରେ ଉଚ୍ଚମାନର ସେବା ଯୋଗାଇ ଦେବୁ : (ପ୍ରତ୍ୟୁଷ)ର ପ୍ରତିଶୃତି



ଉଦଳା ତା ୦୨/୦୪ ( ନି:ପ୍ର:)- ଉଦଳା ଏନ୍.ଏ.ସି. ରେ ପରିମଳ କାର୍ଯ୍ୟପାଇଁ ନୂଆ କରି ନିୟୋଜିତ ହୋଇଥିବା ସଂସ୍ଥା (ପ୍ରତ୍ୟୁଷ) ର କାର୍ଯ୍ୟ ଚଳିତ ଏପ୍ରିଲ ୧ ତାରିଖ ଶନିବାର ଠାରୁ ଆରମ୍ଭ ହୋଇଛି । ଏଥିପାଇଁ ସ୍ଥାନୀୟ ରଥ ଛକ ଠାରେ ଏହାର ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଠିକା ସଂସ୍ଥା (ପ୍ରତ୍ୟୁଷ) ଦ୍ୱାରା ଅଣାଯାଇଥିବା ଆଧୁନିକ ଯନ୍ତ୍ରପାତି ଓ ଗାଡ଼ି ଗୁଡ଼ିକର ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ନଗରପାଳ ପ୍ରମିଳା ପଣ୍ଡା ଶବୁଜ ପତାକା ଦେଖାଇ ପରିମଳ କାର୍ଯ୍ୟର ଶୁଭାରମ୍ଭ ଘୋଷଣା କରିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଶରତ ଚନ୍ଦ୍ର ଦାସ, ଧିରେନ୍ଦ୍ର ଖଣ୍ଡେଲୱାଲ, ଉର୍ମିଳା ନାୟକ, ଶୁଭଦୀପ ମହାନ୍ତି, ପଦ୍ମାବତୀ ଦେହୁରୀ, ଯମୁନା ମାର୍ଣ୍ଡି, ମମତା ଟୁଡୁଙ୍କ ସମେତ କର୍ମଚାରୀ ସଂଗ୍ରାମ କେଶରୀ ସାହୁ ଓ ସୟ ପାଢ଼ୀ ଉପସ୍ଥିତ ଥିଲେ । ଏହିପରି ଉକ୍ତ ସଂସ୍ଥା ଦ୍ୱାରା ସଫେଇ କର୍ମଚାରୀଙ୍କୁ ନୂତନ ପୋଷାକ, ହେଲମେ , ଗ୍ଲୋଭ୍ ଓ ଯୋତା ମାନ ପ୍ରଦାନ କରାଯାଇଥିଲା ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo